# ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରାର ସୁରକ୍ଷା ପାଇଁ ଆହ୍ୱାନ

## ଜିଲାସ୍ତରୀୟ ୯୧ତମ ଓଡିଶା ଦିବସ

ରାୟଗଡ଼ା,୧।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ସଦର ମହକୁମାଠାରେ ଜିଲାସ୍ତରୀୟ ୯୧ତମ ଓଡିଶା ଦିବସ ବୁଧବାର ପାଳିତ ହୋଇଯାଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମଠାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଯୋଗଦେଇ ଉତ୍କଳ ପ୍ରଦେଶ ଗଠନରେ ଓଡିଶାର ମହାପୁରୁଷଙ୍କ ଭୂମିକା ଏବଂ ଆଜିର ପ୍ରଗତିଶୀଳ ଓଡିଶାରେ ସମସ୍ତ ବର୍ଗର ବିକାଶ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା ସଂସ୍କୃତି ଓ ଜାତିର ଗୁଣ ଗାନ କରିଥିଲେ । ଓଡ଼ିଆଙ୍କ ବୀରତ୍ୱ, ଅସୀମା ସାହସ, ଜ୍ଞାନ, କ୍ରୀଡ଼ା, ଖାଦ୍ୟ, ପର୍ଯ୍ୟଟନ, ବିପର୍ଯ୍ୟୟ ପ୍ରଶମନ ଭଳି ଅନେକ କ୍ଷେତ୍ରରେ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ସ୍ୱତନ୍ତ୍ର ରାଜ୍ୟ ଗଠନରେ ଓଡିଆ ବରପୁତ୍ରଙ୍କ ଅକ୍ଳାନ୍ତ ପରିଶ୍ରମକୁ ଆଜିର ନୂତନ ପିଢି ବ୍ୟର୍ଥ ହେବାକୁ ଦେବେନାହିଁ। ରାୟଗଡ ଏହାର ଅବିଚ୍ଛେଦ୍ୟ ଅଙ୍ଗ, ଏହାର ପ୍ରଗତି ନିମନ୍ତେ ରାୟଗଡାବାସୀ ଏବଂ ପ୍ରଶାସନ ସର୍ବଦା ଚେଷ୍ଟିତ ବୋଲି ଜିଲାପାଳ କହିଥିଲେ । ସେହିପରି ବିଶିଷ୍ଟ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର, ମୁଖ୍ୟବକ୍ତା ଡ଼. ଦୁଷ୍ମନ୍ତ କୁମାର ମହାନ୍ତି ,ସାହିତ୍ୟିକ ସୁଶାନ୍ତ କୁମାର ନାୟକ, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରଭାତଫେରି ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରେ ସ୍ଥାନୀୟ ଗଜପତି ଛକରେ ଅବସ୍ଥାପିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ପୌରାଧ୍ୟକ୍ଷ ପି ମହେଶ ପଟ୍ଟନାୟକ, ୨ ଅତିରିକ୍ତ ଜିଲାପାଳଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହାପରେ ସାଂସ୍କୃତିକ ଶୋଭାଯାତ୍ରା ବାହାରି ନୂତନ ବସ୍‌ଷ୍ଟାଣ୍ଡରେ ଥିବା ଡ଼. ବାବା ସାହେବ ଆମ୍ବେଡକର, ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଜରିଥିଲେ। ସ୍ଥାନୀୟ ଅଦାଲତ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ପାର୍କରେ ଅବସ୍ଥାପିତ ଉତ୍କଳ ମଣି ଗୋପବନ୍ଧୁ ଦାସ, ଜାତିର ଜନକ ମହାତ୍ମା ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ, ବିନୋଭା ଭାବେ ଓ ଠକ୍କର ବାପା ଆଶ୍ରମରେ ଥିବା ଠକ୍କର ବାପାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଶୋଭାଯାତ୍ରାରେ ଓକିଲ ସଂଘର ସଭାପତି ବ୍ରଜସୁନ୍ଦର ନାୟକ, ସୁନୀଲ ପଣ୍ଡା, କଳିରାମ ମାଝୀ, ବସନ୍ତ କୁମାର ଉଲ୍ଲାକା, ଜଳନ୍ଧର ପୁଷିକା, ଶଙ୍କର୍ଷଣ ମଙ୍ଗରାଜ, ବି. କାନ୍ତାରାଓ ଓ ବହୁ ମାନ୍ୟଗଣ୍ୟ ଅତିଥିଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଓ ପାରମ୍ପରିକ ଝୋଟି ଓ ଓଡ଼ିଆ ଖାଦ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସହକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲାପାଳ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଘଟଣାର ତଦନ୍ତ କଲା ମଙ୍ଗଳ ବିଭାଗ

## ନାଇରା ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ ସନ୍ଦେହଘେରରେ

ପଦ୍ମପୁର,୧।୪ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ନାଇରାସ୍ଥିତ ସରକାରୀ ଅରବିନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀନିବାସର ରହି ପଢୁଥିବା ଜଣେ ୮ମ ଶ୍ରେଣୀ ଛାତ୍ରୀଙ୍କ ଗତ ୨୫ ତାରିଖରେ ମୃତ୍ୟୁ ହୋଇଥିଲା। ଚିକିତ୍ସା ଅବହେଳାରୁ ଛାତ୍ରୀଙ୍କ ମୃତ୍ୟୁ ହୋଇଛି ନା, ପରିବାର ଲୋକେ ଡାକ୍ତରୀ ଚିକିତ୍ସା ନ କରି ଅନ୍ଧବିଶ୍ୱାସର ବଶବର୍ତ୍ତି ହୋଇ ଝଡାଫୁଙ୍କା ଦ୍ୱାରା ମୃତ୍ୟୁ ହୋଇଛି ତାହା ସନ୍ଦେହ ଘେରରେ ରହିଛି। ଖବରପାଇ ଜିଲା ସମାଜ ମଙ୍ଗଳ ଅଧିକାରୀ ଅସିମା ରାଓ ଓ ପଦ୍ମପୁର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ମଙ୍ଗଳବାର ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅନୁସନ୍ଧାନ କରି ଫେରିଛନ୍ତି।

ଘଟଣାରୁ ପ୍ରକାଶ, ସିକରପାଇ ଗ୍ରାମର ମଙ୍ଗି ଶବରଙ୍କ ଝିଅ ତୁଳସୀ ଶବର ନାଇରା ସ୍ଥିତ ସରକାରୀ ଅରବିନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀନିବାସର ରହି ପାଠପଢୁଥିଲେ। ଗତ୨୫ ତାରିଖରେ ଛାତ୍ରୀ ଅସୁସ୍ଥ ହେବାରୁ ତାଙ୍କୁ ହଷ୍ଟେଲ କର୍ତ୍ତୃପକ୍ଷ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ରକ୍ତ ପରୀକ୍ଷା ପରେ ମ୍ୟାଲେରିଆ ନ ଥିବା ଜଣାପଡିଥିଲା। ତେବେ ପୁଣି ଗୋଟିଏ ଦିନ ପରେ ଛାତ୍ରୀଙ୍କ ଅବସ୍ଥା ଖରାପ ହେବାରୁ ଆଉଥରେ ସ୍ଥାନୀୟ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ରରେ ଦେଖାଇଥିଲେ। ପରେ ପରିବାର ଲୋକେ ତାଙ୍କୁ ଛାତ୍ରୀନିବାସରୁ ଘରକୁ ନେଇଥିଲେ। ତେବେ ହଷ୍ଟେଲ କର୍ତ୍ତୃପକ୍ଷ ଛାତ୍ରୀଙ୍କ ଉଚ୍ଚ ଚିକିତ୍ସା ନ କରାଇ ତାଙ୍କ ପରିବାରକୁ ପଠାଇ ନିଜ ଦାୟିତ୍ୱ ସାରି ଦେଇଥିବା ଅଭିଯୋଗ ହୋଇଛି। ତେବେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅର୍ଚ୍ଚନା ପଣ୍ଡା କହିଛନ୍ତି, ଛାତ୍ରୀ ହଷ୍ଟେଲରୁ ଯିବା ବେଳେ ସୁସ୍ଥ ଥିବା ଓ ଚାଲି ଚାଲି ଯାଇଥିଲେ। ପରିବାର ଲୋକେ ଘରକୁ ନେଇ କିଛି ଦେଶୀ ଚିକିତ୍ସା କିମ୍ବା ଚେରମୂଳି ଦେଇଥିବା ସନ୍ଦେହ କରାଯାଉଛି ବୋଲି କହିଛନ୍ତି। ତେବେ କେଉଁ ପରିସ୍ଥିତିରେ ବିନା ଶବ ବ୍ୟବଚ୍ଛେଦରେ ସତ୍କାର କରିଦିଆଗଲା ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହୋଇଛି।

## ସଂକ୍ଷେପରେ

### ଗାଡ଼ିରୁ ପେଟ୍ରୋଲ ଚୋରି ଅଭିଯୋଗ

ଗୁଣପୁର, ୧।୪(ସଂକେତ ପାତ୍ର)

ଗୁଣପୁର ସହରର କରଣ ସାହି ଅଞ୍ଚଳରେ ବାହାରେ ରହୁଥିବା ଗାଡ଼ିରୁ ପେଟ୍ରୋଲ ଚୋରି ହେଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକ ବୋତଲ ନେଇ ୫ଟି ଗାଡ଼ିରୁ ପେଟ୍ରୋଲ ବାହାର କରି ଚୋରି କରୁଥିବା ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଛି। ପୋଲିସ ପାଟ୍ରୋଲିଂ କରୁଥିଲେ ବି ଯୁବକ ଜଣକ ଖାତିର ନ କରି ସୁଯୋଗ ଦେଖି ଚୋରି କରୁଥିବା ଅଭିଯୋଗ ହୋଇଛି। ସମସ୍ତେ ମିଶି ଗୁଣପୁର ଥାନାରେ ଅଭିଯୋଗ କରିବାକୁ ସାହିବାସିନ୍ଦା ନିଷ୍ପତ୍ତି ନେଇଛନ୍ତି। ଏପରି ଘଟଣା ରୋକିବା ପାଇଁ ସାମୁହିକ ଭାବେ ଆଗକୁ ଆସିବା ଆବଶ୍ୟକ ବୋଲି ଆଇନଜୀବୀ ସୁରଜ ପାତ୍ର କହିଛନ୍ତି ।

### ଯୁବପିଢ଼ି ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

ଗୁଣପୁର, ୧।୪(ସଂକେତ ପାତ୍ର)

ଓଡ଼ିଆ ପକ୍ଷର ପ୍ରଥମ ଦିନ ଅର୍ଥାତ ଓଡିଶା ଦିବସ ଅବସରରେ ଗୁଣପୁର ଶହୀଦ ଲକ୍ଷ୍ମଣ ନାୟକ ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ନିତ୍ୟାନନ୍ଦ ସାହୁଙ୍କ ସହ ସୂର୍ଯ୍ୟନାରାୟଣ ପଣ୍ଡା, ସଙ୍କର୍ଷଣ ମହାନ୍ତି, ଶିବ ପ୍ରସାଦ ମିଶ୍ର, ଉଦୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଓଡିଶା ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପାଇଁ ଯେଉଁ ବୀର ସନ୍ତାନମାନେ ତ୍ୟାଗ ଓ ସଂଗ୍ରାମ କରିଥିଲେ, ସେମାନଙ୍କ ଅମର ଅବଦାନକୁ ସ୍ମରଣ କରିବା ସହ ଯୁବପିଢ଼ି ବୀର ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା।

# ଓଡ଼ିଶାର ବିକାଶ ପାଇଁ ବଦ୍ଧପରିକର ହେବାକୁ ଆହ୍ୱାନ



ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଉପଖଣ୍ଡ ସ୍ତରୀୟ ଓଡ଼ିଶା ଦିବସ

ଗୁଣପୁର,୧।୪(ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରଠାରେ ଉପଖଣ୍ଡ ସ୍ତରୀୟ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସକାଳୁ ଏକ ଶୋଭାଯାତ୍ରା ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ରଠାରୁ ବାହାରି ସହର ପରିକ୍ରମା କରିଥିଲା । ସହରର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ସାମ୍ବାଦିକ, ବୁଦ୍ଧିଜୀବୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଅତିରିକ୍ତ ତହସିଲଦାର ଲିସାରାଣୀ କହଁର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର ଅଧକ୍ଷ ମନୋଜ ଶବର ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ ।

ଅପରାହ୍ନ ୪ଟାରେ ଟାଉନ ହଲ୍‌ଠାରେ ଏକ ଝୋଟି ପ୍ରତିଯୋଗିତା ଓ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡେପୁଟି କଲେକ୍ଟର ଶୁଭ୍ରସ୍ମାତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଗୁଣପୁର ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ଯୋହନ ବଡ଼ଭୂୟାଁ ଯୋଗଦେଇଥିଲେ। ଅତିଥିମାନେ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଓଡ଼ିଶା ପ୍ରଥମ ହୋଇଥିବା ବେଳେ ରାଜ୍ୟ ଗଠନ ନିମନ୍ତେ ବଳିଦାନ ଦେଇଥିବା ବରପୁତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଆମେ ଓଡ଼ିଆ ବୋଲି ଗର୍ବ କରିବା ଓ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବଦ୍ଧପରିକର ହେବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଓଡ଼ିଶା ଦିବସ ପାଳନ ନିମନ୍ତେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରଶଂସା ପତ୍ର, ପୁରସ୍କାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ ବିଦ୍ୟାଳୟ, ସାଂସ୍କୃତିକ ଅନୁଷ୍ଠାନର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନନ୍ତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମନାଥ ଗମାଙ୍ଗ ସହଯୋଗ କରିଥିଲେ।

# ଓଡ଼ିଶା ଦିବସରେ ବିଭିନ୍ନ ପ୍ରତିଯୋଗିତା

ଗୁଣପୁର, ୧।୪(ସଂକେତ ପାତ୍ର)

ଗୁଣପୁର ବ୍ଲକ୍ ଲିମାମେଡାଠାରେ ଥିବା ବାଳ ନିକେତନ ଶିଶୁଯତ୍ନ ଅନୁଷ୍ଠାନରେ ଆଡମ୍ବର ସହକାରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନ ସମ୍ପାଦିକା ରଶ୍ମିରେଖା ମହାନ୍ତି ଯୋଗଦେଇ ଗୌରବମୟ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପରାମର୍ଶଦାତା ଅଜିତ ମହାନ୍ତି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ବରପୁତ୍ରଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଏହି ଅବସରରେ ଅନ୍ତେବାସୀଙ୍କୁ ନେଇ କୁଇଜ, ଚିତ୍ରାଙ୍କନ, ବକ୍ତୃତା, ମହାପୁରୁଷଙ୍କ ବେଶ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶାର ବରଣ୍ୟ ମହାପୁରୁଷଙ୍କୁ ଚିହ୍ନିବା ଓ ଜାଣିବା ଉଦ୍ଦେଶ୍ୟରେ କୁନିକୁନି ପିଲାମାନେ ବିଭିନ୍ନ କୌତୁକ ପୋଷାକ ପରିପାଟୀରେ ସଜ୍ଜିତ ହୋଇଥିଲେ। ତ୍ରିଲୋଚନ ଶବର ପାରଳା ମହାରାଜା, ନବୀନ ପୀଡ଼ିକା ମଧୁବାବୁ ଓ ଶୁଭମ ଶବର ଉତ୍କଳମଣିଙ୍କ ବେଶରେ ସଜ୍ଜିତ ହୋଇଥିଲେ। ଅନୁଷ୍ଠାନର କଳା ଓ ସଙ୍ଗୀତ ଶିକ୍ଷକ ନବୀନ ଚନ୍ଦ୍ର ଗୁରୁ, ମୋହନ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ମା' ମଙ୍ଗଳାଙ୍କୁ ୨ ଲକ୍ଷ ଚୁଡ଼ି ଅର୍ପଣ

ଗୁଣପୁର, ୧।୪(ସଂକେତ ପାତ୍ର)

ଗୁଣପୁର ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ସିଙ୍ଗୁବାଇ ଗ୍ରାମର ପ୍ରସିଦ୍ଧ ମା' ମଙ୍ଗଳାଙ୍କ ନିକଟରେ ଚୈତ୍ର ପୂର୍ଣ୍ଣିମା ଉପଲକ୍ଷେ ବୁଧବାର ମହା ଆଡମ୍ବରରେ ପୂଜା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗ୍ରାମବାସୀ ପରମ୍ପରା ଅନୁଯାୟୀ ମା'ଙ୍କ ନିକଟରେ ପ୍ରାୟ ୨ ଲକ୍ଷ ଚୁଡ଼ି ଅର୍ପଣ କରିଥିଲେ। ଯାହା ପର୍ବର ମୁଖ୍ୟ ଆକର୍ଷଣ ରୂପେ ଦେଖାଯାଇଥିଲା। ଚୈତ୍ର ପୂର୍ଣ୍ଣିମା ଉପଲକ୍ଷେ ଗୁଣପୁର ସହ ପାଖାପାଖି ଅଞ୍ଚଳରୁ ଶତାଧିକ ଭକ୍ତ ମାଙ୍କ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ମନ୍ଦିର ପ୍ରାଙ୍ଗଣରେ ଦିନଭରି ଭକ୍ତମାନଙ୍କର ଭିଡ଼ ଲାଗି ରହିଥିଲା। ଗ୍ରାମର ମୁଖ୍ୟ ବ୍ୟକ୍ତି କେଶବ ଅଧିକାରୀ, ଖୁଦ ବେହେରା, ତିରୁପତି ନାୟକ, ବାଳକୃଷ୍ଣ ବଡପନ୍ଦରା, ଜଗଦୀଶ ଗଙ୍ଗା ପ୍ରମୁଖ ପୂଜା ପରିଚାଳନା କରିଥିଲେ।


ମା ମଙ୍ଗଳାଙ୍କ ନିକଟରେ ଅର୍ପଣ କରାଯାଇଥିବା ଚୁଡ଼ି।

# ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନରେ ମହାପୁରୁଷଙ୍କ ଅବଦାନ ଅତୁଳନୀୟ

କଲ୍ୟାଣସିଂହପୁର/ ପଦ୍ମପୁର,୧।୪ (ଦୀପକ କୁମାର ପରିଡା/ପ୍ରଶାନ୍ତ କୁମାର କର)

ରାୟଗଡା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ ହୋଇଛି। କଲ୍ୟାଣସିଂହପୁର ବ୍ଲକ ସଦର ଦେବଗିରି ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗୀତ ପରିବେଷଣ ପରେ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ଏହି ଅବସରରେ ଶିକ୍ଷକମାନେ ଓଡ଼ିଆ ଭାଷାର ଗୌରବ, ସମୃଦ୍ଧ ସାହିତ୍ୟ ଓ ସଂସ୍କୃତି, ଏବଂ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନରେ ମହାପୁରୁଷଙ୍କ ଅମୂଲ୍ୟ ଅବଦାନ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସେମାନେ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ଭାଷା ଓ ସଂସ୍କୃତିକୁ ରକ୍ଷା ଓ ପ୍ରଚାର କରିବା ପାଇଁ ଆହ୍ୱାନ କରିଥିଲେ। କଲେଜ ଅଧକ୍ଷ ଯୋଗେଶ୍ୱର ଗରଡ଼ାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧାପିକା ସଂଯୁକ୍ତା ଗରଡ଼ା, ବସୁଧା ଖସଲା, ସରିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପଦ୍ମପୁର ବ୍ଲକ୍ଅଧିନ ଉପର ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭୁବନାନନ୍ଦ ଖାଡ଼ଙ୍ଗା ଓ ପୂର୍ବତନ ପ୍ରଧାନଶିକ୍ଷକ ଦିଲୀପ କୁମାର କରଙ୍କ ଅଧ୍ୟକ୍ଷତାରେ ନିଆରା ଢଙ୍ଗରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏହି ଅବସରରେ ଗ୍ରାମର ୩ଜଣ ବରିଷ୍ଠ ବ୍ୟକ୍ତି ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଜନଜାତି ସମ୍ପ୍ରଦାୟର ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଦୁର୍ଲଭ ଶବର ଏବଂ ଶତାୟୁ ବିଜ୍ଞ ବ୍ୟକ୍ତି ବାଜି ସାହୁଙ୍କୁ ନିମନ୍ତ୍ରଣ କରି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ଦୈନିକ ଓଡ଼ିଆ ଖବର କାଗଜ ପଢୁଥିବା ୨ ଜଣ ଛାତ୍ରୀଙ୍କ ସହ ୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଥିଲା। ଓଡ଼ିଶାର ବରପୁତ୍ରମାନଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ହୃଷିକେଶ ପରିଡାଲା, ଆରତୀ ପରିଡାଲା, ରେଣୁବାଳା ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଭାମିନି ଦ୍ୱିତୀୟ ଆଇଆରବିଏନ୍‌ରେ ପୋଲିସ ପ୍ରତିଷ୍ଠା ଦିବସ

ଗୁଣପୁର,୧।୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ଭାମିନିସ୍ଥିତ ୨ୟ ଆଇଆର୍‌ବିଏନ୍‌ରେ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡେପୁଟି କମାଣ୍ଡେଣ୍ଟ ରମେଶ ଚନ୍ଦ୍ର ମହାଲି ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ ଦିବସରେ ଦେଶକୁ ସୁରକ୍ଷା ଦେଉଥିବା ଯବାନମାନଙ୍କୁ ଉତ୍ସାହିତ କରିବା ସହ ଦେଶର ସମସ୍ତ ନାଗରିକଙ୍କୁ ସେବା ଓ ସୁରକ୍ଷା ଦେବା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ କନଷ୍ଟେବଳ ଭାବେ ପ୍ରଭାକର ବାରିକ, ଶ୍ରେଷ୍ଠ ହାବିଲଦାର ଭାବେ ଜଗବନ୍ଧୁ ପ୍ରଧାନ ,ଶ୍ରେଷ୍ଠ ଏସ୍‌ଆଇ ଭାବ ସୀତକାନ୍ତ ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ କମାଣ୍ଡେଣ୍ଟ ନୀଳାମ୍ବର ପରିଡ଼ା, ସୁବେଦାର ସାଗର ଟପି , ଅରୁଣ ମହାପାତ୍ର , ପିକେ ସାହୁ , ଗାନ୍ଧୀ ବିଶ୍ୱ ବିଦ୍ୟାଳୟ ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ଭାମିନି ସରପଞ୍ଚଙ୍କ ସହ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ରହିଥିଲେ ।

# ଓଡ଼ିଶା ଦିବସରେ ସାହିତ୍ୟ ସଭା, ଆଲୋଚନାଚକ୍ର

ଗୁଣପୁର,୧।୪( ସୁଜାତା ପାଢ଼ୀ)

ରାମନାଗୁଡା ବ୍ଲକ ପ୍ରଶାସନ ପକ୍ଷରୁ ସମ୍ମିଳନୀ କକ୍ଷଠାରେ ଓଡିଶା ଦିବସ ଅବସରରେ ସାହିତ୍ୟ ସଭା ଓ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଛି। 'ଓଡ଼ିଆ ଭାଷା ସାହିତ୍ୟର ସ୍ଥିତି ଓ ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଆ ସାହିତ୍ୟର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ପ୍ରତାପ ରାୟ, ଯୁବ ସାହିତ୍ୟିକ ଦେବାଶିଷ ମହାପାତ୍ର, ସାହିତ୍ୟିକା ସନ୍ଧ୍ୟାରାଣୀ ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ,ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,ଆୟୁଷ ଡିଗ୍ରୀ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଯୋଗଦେଇ ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ। ଅଶ୍ୱିନୀ ତ୍ରିପାଠୀ ଓ ରମେଶ ମିଶ୍ର ମଞ୍ଚ ସଂଯୋଜନା କରିଥିଲେ। ଯୋଗାଣ ଅଧିକାରୀ ଶଙ୍କର ବେହେରା,ସାମାଜିକ ସୁରକ୍ଷା ଅଧିକାରୀ ଥୋମାସ ତାଣ୍ଡାସି, ଅର୍ଥ ଅଧିକାରୀ ନୀଳକଣ୍ଠ ଶବର, ମଙ୍ଗଳ ସମତପସାରଣ ଅଧିକାରୀ ସୁସ୍ମିତା ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଗୁଣପୁର କୋର୍ଟରେ ଓକିଲ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳନ ହୋଇଥିଲ। ସଭାପତି ରମେଶ ଚନ୍ଦ୍ର ଲିମା ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିଜେ ଦେବଦତ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କୋର୍ଟ ପରିସରରେ ଥିବା ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ଓକିଲ ବ୍ରହ୍ମାନନ୍ଦ ପଟନାୟକ, ରାଜେନ୍ଦ୍ର ସାହୁ, ଫଣି ଭୂଷଣ ପଟ୍ଟନାୟକ ପ୍ରମୁଖ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶେଷରେ ସଂଘର ସମ୍ପାଦକ ସୁରଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆଲୋଚନାଚକ୍ରରେ ପ୍ରତାପ ରାୟ ଉଦ୍‌ବୋଧନ ଦେଉଛନ୍ତି।

# ରାୟଗଡ଼ା ଜିଲାରେ ଗ୍ୟାସ କଳାବଜାର ଅଭିଯୋଗ

## ବିଭିନ୍ନ ହୋଟେଲରେ ଚଢାଉ, ୬ ସିଲିଣ୍ଡର ଜବତ

ରାୟଗଡ଼ା, ୧।୪ (ଆଶିଷ ରଞ୍ଜନ ପଣ୍ଡା)

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ରାୟଗଡା ଜିଲାରେ ଗ୍ୟାସ କଳାବଜାର ବୃଦ୍ଧି ପାଉଛି। ତେଣୁ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ରାୟଗଡା ଯୋଗାଣ ବିଭାଗର ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ରାୟଗଡା ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଗ୍ୟାସ ବିତରକ ସଂସ୍ଥା ଉପରେ ବୁଧବାର ଚଢାଉ କରାଯାଇ ବେଆଇନ ଭାବେ ବ୍ୟବହୃତ ହେଉଥିବା ୬ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି ।

ରାୟଗଡା ଅତିରିକ୍ତ ତହସିଲଦାର ଦେବାଶିଷ ବିଶ୍ୱାସଙ୍କ ନେତୃତ୍ୱରେ ରାୟଗଡା ସଦର ସହକାରୀ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଖିଲୋ, ରାୟଗଡା ବ୍ଲକ୍ ଓ ପୌର ପରିଷଦ ଯୋଗାଣ ନିରୀକ୍ଷକ ମାନସ ରଞ୍ଜନ ସୁନା, ଜିଲା ଯୋଗାଣ ନିରୀକ୍ଷକ ମହେନ୍ଦ୍ର ରଏଙ୍କୁ ନେଇ ଗଠିତ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଟିମ ଦ୍ୱାରା ରାୟଗଡା ସହରର ୧୬ଟି ସ୍ଥାନରେ ଚଢାଉ କରାଯାଇଥିଲା। ଏଥିରେ ସହରର ହୋଟେଲ ଅଭିରୁଚିରୁ ୨ଟି, ହୋଟେଲ ଗ୍ରାଣ୍ଡ ଡିଲାଇଟରୁ ୩ଟି ଏବଂ ହୋଟେଲ ଜଗନ୍ନାଥରୁ ଗୋଟିଏ ଏହିଭଳି ମୋଟ ୬ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରାଯାଇଥିଲା । ସେହିପରି ସାଇ କିରଣ ଏଚ୍‌ପି ଗ୍ୟାସ ବିତରକ ସଂସ୍ଥା ଉପରେ ମଧ୍ୟ ଚଢାଉ କରାଯାଇ ଆବଶ୍ୟକ ନଥିପତ୍ର ଯାଞ୍ଚ କରାଯାଇଥିଲା । ଏଭଳି ଚଢାଉ ଆଗକୁ ଅବ୍ୟାହତ ରହିବ ବୋଲି ସହକାରୀ ଯୋଗାଣ ଅଧିକାରୀ ଖିଲୋ ସୂଚନା ଦେଇଛନ୍ତି । ତେବେ ରାୟଗଡା ସହରରେ ଅନେକ ଫାଷ୍ଟଫୁଡ, ଟିଫିନ ଏବଂ ସାହି ଗଳିରେ ଥିବା ହୋଟେଲଗୁଡିକରେ ଲୁଚାଛପାରେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର ହେଉଥିବା ବେଳେ ଏହାର ଅଭାବି ବିକ୍ରି ଦେଖା ଦେଉଥିବା ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି । ଘରୋଇ ଗ୍ୟାସ ସିଲିଣ୍ଡର ପିଛା ଏକ ହଜାର ଟଙ୍କାରୁ ଅଧିକ ଦରରେ କ୍ରୟ କରାଯାଉଥିବାବେଳେ ଅନେକ ଫାଷ୍ଟଫୁଡ ଦୋକାନ, ହୋଟେଲ ଆଦିରେ ବାଣିଜ୍ୟକ ଗ୍ୟାସ ସିଲିଣ୍ଡରର ଅଭାବ ହେତୁ ସେମାନେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରି ଗ୍ରାହକଙ୍କୁ ରନ୍ଧା ଖାଦ୍ୟ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଅନେକ ଦୋକାନ ମାଲିକମାନେ ଗ୍ୟାସ ଅଭାବ ଦର୍ଶାଇ ଖାଦ୍ୟ ପରିମାଣ ସମାନ ଦେଉଥିବା ବେଳେ ଅତିରିକ୍ତ ମୂଲ୍ୟ ବୃଦ୍ଧି କରି ଗ୍ରାହକଙ୍କ ଠାରୁ ଚଡା ଦର ନେଉଥିବା ଅଭିଯୋଗ ହେଉଛି ।



ଯୋଗାଣ ଅଧିକାରୀଙ୍କ ସହ ଜବତ ଗ୍ୟାସ୍ ସିଲିଣ୍ଡର।

## ସଂକ୍ଷେପରେ

### ଶିଶୁ ଉଦ୍ୟାନ ରକ୍ଷଣାବେକ୍ଷଣ ଦାବି

ନବରଙ୍ଗପୁର,୧୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌର ପରିଷଦ ଅଧୀନରେ ଥିବା ଶିଶୁ ଉଦ୍ୟାନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଆଇନଜୀବୀ ସନ୍ତୋଷ ମିଶ୍ର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ନବରଙ୍ଗପୁର ପୌର ପରିଷଦ ଅଧୀନରେ ଥିବା ବିଭିନ୍ନ ଶିଶୁ ଉଦ୍ୟାନର ଉନ୍ନୟନ ପାଇଁ ଗତ ୫ ବର୍ଷ ଭିତରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିଲେ ବି ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହା ସହରବାସୀଙ୍କ ବ୍ୟବହାର ଯୋଗ୍ୟ ହୋଇପାରୁ ନାହିଁ। ଉକ୍ତ ଉଦ୍ୟାନରେ ଖେଳନା ସାମଗ୍ରୀ ନଷ୍ଟ ଅବସ୍ଥାରେ ପଡିରହିଛି। ସ୍ୱଚ୍ଛତା ଓ ସୁରକ୍ଷାର ଅଭାବ ଯୋଗୁ ଶିଶୁ ଉଦ୍ୟାନ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଛି। ସରକାରୀ ଅର୍ଥର ସଠିକ ବ୍ୟବହାର କରା ନ ଯାଇ ଅନିୟମିତତା ହୋଇଥିବା ସନ୍ଦେହ ହେଉଛି। ଏଣୁ ଏହାର ଉପଯୁକ୍ତ ତଦନ୍ତ କରାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଯଥାଶୀଘ୍ର ଉଦ୍ୟାନଗୁଡ଼ିକୁ ସାଧାରଣ ଲୋକଙ୍କ ପାଇଁ ବ୍ୟବହାର ଉପଯୋଗୀ କରାଯାଉ ବୋଲି ଆଇନଜୀବୀ ମିଶ୍ର ଅଭିଯୋଗରେ ଦର୍ଶାଇଛନ୍ତି ।

### ତେନ୍ତୁଳିଖୁଣ୍ଟିରେ ଓଡ଼ିଶା ଦିବସ ପାଳିତ

ତେନ୍ତୁଳିଖୁଣ୍ଟି,୧୪ (ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକସ୍ତରୀୟ ଓଡ଼ିଶା ଦିବସ ସ୍ଥାନୀୟ ପ୍ରିଏମଶ୍ରୀ ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ବିଡିଓ ମନୋଜ କୁମାର ପାଣିଗ୍ରାହୀ, ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ଭତ୍ରା ପ୍ରମୁଖ ବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦାରା ବ୍ୟାଣ୍ଡ ସହ ପରେଡ କରି ଅଭିବାଦନ ଜଣାଇଥିଲେ। ବୁଧବାରଠାରୁ ଓଡ଼ିଆ ପକ୍ଷ ପାଳନର ଶୁଭାରମ୍ଭ କରାଯାଇଥିବା ସୂଚନା ଦିଆଯାଇଥିଲା। ସମୃଦ୍ଧ ଓଡ଼ିଶା ଗଠନରେ ଛାତ୍ରୀଛାତ୍ର ହିଁ ମୁଖ୍ୟ ବିନ୍ଧାଣୀ ବୋଲି ବିଡିଓ ମତ ରଖିଥିଲେ।

### ଜିଲା ସହଳ ଶିଶୁ ଚିହ୍ନଟ ଶିବିର

ପାପଡାହାଣ୍ଡି, ୧୪ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସହଳ ଶିଶୁ ଚିହ୍ନଟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ବାଳ ବିକାଶ କାର୍ଯ୍ୟକ୍ରମ ଅନୁସାରେ ଜନ୍ମଠାରୁ ୧୮ବର୍ଷ ବୟସର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିଥିଲା। ପିଲାଙ୍କ ବିଭିନ୍ନ ସମଶ୍ୟା ଯଥା ମାନସିକ ରୋଗୀ, ବିକାଶରେ ବିଳମ୍ବ, ଶ୍ରବଣ, ଦୃଷ୍ଟି, ବାକଶକ୍ତି ହାନି, ଦାନ୍ତ ଜନିତ ରୋଗ, ହୃଦଜନିତ ରୋଗ, ଗ୍ରହଣଖଣ୍ଡିଆ, ଚଳନ ଗତି, ବିକଳାଙ୍ଗ ଶିଶୁଙ୍କୁ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ ଟିମ ବିଭିନ୍ନ ଗ୍ରାମରେ ଚିହ୍ନଟ କରି ପାପଡାହାଣ୍ଡି ମେଡିକାଲରେ ପହଞ୍ଚାଇଥିଲେ। ଉକ୍ତ ଶିବିରରେ ଜିଲା ସହଳ ଶିଶୁ ଚିହ୍ନଟ ବିଭାଗର ସମସ୍ତ କର୍ମଚାରୀ ଏବଂ ପାପଡାହାଣ୍ଡି ଆରବିଏସକେ. ଟିମର ଡାକ୍ତର ସୌରଭ ଶତପଥି, ଡ଼ା. ଇତିଶ୍ରୀ ପଲେଇ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ମୋଟ ୧୨୬ ଜଣଙ୍କ ନାମ ପଞ୍ଜିକରଣ କରାଯାଇଥିଲା।

# ମକା କାରଖାନା ବନ୍ଦ ଦାବିରେ ଉତ୍ତେଜନା

## ବିଷାକ୍ତ ପାଣି ପିଇ ୨୫ ଗୋରୁ ମୃତ

ନବରଙ୍ଗପୁର,୧୪(ସଦାଶିବ ପ୍ରହରାଜ)


ମକା କାରଖାନା ସମ୍ମୁଖରେ ଗ୍ରାମବାସୀ ପ୍ରତିବାଦ କରୁଛନ୍ତି ।

ବିଷାକ୍ତ ପାଣି ପିଇ ୨୫ ଗୋରୁଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ରାଜୋଡା ପଞ୍ଚାୟତର ବାମୁଣୀ ଏବଂ କୁସୁମପାଲି ଗାଁ ନିକଟରେ ଥିବା ବିଜୟନଗର ବାୟୋ-ଟେକ୍ ମକା କାରଖାନାରୁ ବାହାରୁଥିବା ବିଷାକ୍ତ ପାଣି ପିଇ ଗୋରୁଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୧୫ ଦିନରେ ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ଗ୍ରାମବାସୀ କହିଛନ୍ତି। କାରଖାନାରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏବଂ ପାଣିକୁ ସୁରକ୍ଷିତ ସ୍ଥାନରେ ସଂରକ୍ଷଣ ନ କରି କର୍ତ୍ତୃପକ୍ଷ ଖୋଲାଖୋଲି ବାହାରକୁ ଛାଡ଼ି ଦେଉଥିବାରୁ ଏଭଳି ଅଘଟଣ ଘଟିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଏବଂ ଜିଲାପାଳ ମହେଶ୍ୱର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। କେଉଁ ପରିସ୍ଥିତିରେ ବିଷାକ୍ତ ପାଣି ବାହାରକୁ ଯାଉଛି ବୋଲି ଜିଲାପାଳ ପଚାରିଥିଲେ ମଧ୍ୟ କାରଖାନା କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଅନ୍ୟପକ୍ଷେ ବିଧାୟକ ଏବଂ ଜିଲାପାଳ ଆସୁଥିବା ଖବର ଶୁଣି କାରଖାନା କର୍ତ୍ତୃପକ୍ଷ ଉକ୍ତ ବିଷାକ୍ତ ପାଣି ଥିବା ଜାଗାକୁ ମାଟି ପକାଇ ପୋତିଦେଇଥିବା ଦେଖିବାକୁ ମିଳିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଜଳ ବିଭାଗ ଦ୍ୱାରା ଏହି ବିଷାକ୍ତ ପାଣିକୁ ପରୀକ୍ଷା କରାଯାଇ ଅଭିଯୋଗର ତଦନ୍ତ କରାଯିବ ବୋଲି ବିଧାୟକ ଓ ଜିଲାପାଳ କହିଛନ୍ତି।

ଶିଳ୍ପ ବିହୀନ ନବରଙ୍ଗପୁର ଜିଲାରେ ଏଇ କାରଖାନାକୁ ନେଇ ପ୍ରଥମେ ଅସନ୍ତୋଷ ଦେଖାଦେଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳବାସୀ କାରଖାନା ପାଇଁ ସହଯୋଗ କରିବା ପରେ ଆନ୍ଧ୍ରପ୍ରଦେଶର ଏକ ସଂସ୍ଥା ବିଜୟନଗରମ ବାୟୋ-ଟେକ୍ ନାମରେ ଏକ ମକା କାରଖାନା ଚାଲୁ କରିଥିଲା। ଆଖପାଖରେ ଥିବା ବାମୁଣୀ, କୁସୁମପାଲି, ଭାଲୁଗୁଡ଼ା, କିଡରିପାଲି, କୋଟନିଆଗୁଡ଼ା ଏବଂ ଛେଳିପଦର ଲୋକେ ଏଇ କାରଖାନାରୁ ନିର୍ଗତ ଦୂଷିତ ବାୟୁ ଏବଂ ବିଷାକ୍ତ ପାଣି ଯୋଗୁ ନାହିଁ ନ ଥିବା ଅସୁବିଧା ଭୋଗ କରୁଥିବା ଗ୍ରାମବାସୀ ଧରମଦାସ ଭତରା, ମୋହନ ଚାଲାଣ, ପ୍ରଦୀପ କୁମାର ଭୂୟାଁ ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗର ଡାକ୍ତର ଆସି ମୃତ ଗୋରୁଙ୍କ ପୋଷ୍ଟମୋର୍ଟମ କରିଛନ୍ତି। ଅନ୍ୟପଟେ ମୃତ ଗୋରୁ ମାଲିକଙ୍କୁ କ୍ଷତିପୂରଣ ସହ କାରଖାନାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ଏସବୁ ଅଭିଯୋଗକୁ ନେଇ କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଗୌରୀଶଙ୍କର ନବରଙ୍ଗପୁର ଜିଲା ଯୋଜନା କମିଟି ଅଧ୍ୟକ୍ଷ

ନବରଙ୍ଗପୁର,୧୪ (ସଦାଶିବ ପ୍ରହରାଜ)


ବିଧାୟକ ଗୌରୀଶଙ୍କର ମାଝୀ।

ରାଜ୍ୟ ସରକାର ୩୦ଟି ଜିଲାର ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ଚୟନ କରିଛନ୍ତି। ନବରଙ୍ଗପୁର ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ପରେ ତାଙ୍କ ସମର୍ଥକ ଗହଣରେ ଖୁସିର ଲହରୀ ଖେଳିଯାଇଛି । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ପରେ ଦୀର୍ଘ ୨ ବର୍ଷ ପରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଚୟନ କରାଯାଇଛି ।

# ୧୦୦୦ ପୋଷଣ ଉପକରଣ ସାମଗ୍ରୀ ବଣ୍ଟନ

ତେନ୍ତୁଳିଖୁଣ୍ଟି, ୧୪ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଇଟିପିଏ ଫାଉଣ୍ଡେଶନ ସହଯୋଗରେ ଓଏସ୍‌ଜି ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ତେନ୍ତୁଳିଖୁଣ୍ଟି ଓ ଦିଗି ପଞ୍ଚାୟତରେ ୨୯ଟି ଅଙ୍ଗନୱାଡି କେନ୍ଦ୍ରରେ ବୁଧବାର ବିଭିନ୍ନ ଶିକ୍ଷଣୀୟ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୋଷଣ ରୋଷେଇ, ଉପଭୋକ୍ତାଙ୍କ ପାଇଁ ପୋଷଣ ଖାଦ୍ୟ ବଣ୍ଟନ, ପଥପ୍ରାନ୍ତ ନାଟକ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଗର୍ଭବତୀ, ପ୍ରସୂତି, କିଶୋରୀ, ଭିନ୍ନକ୍ଷମ, କୁପୋଷଣ ଅବସ୍ଥାରେ ଥିବା ଶିଶୁ, ମହିଳା ତଥା ବୃଦ୍ଧାବୃଦ୍ଧଙ୍କୁ ୧୦୦୦ଟି ପୋଷଣ ଉପକରଣ ସାମଗ୍ରୀ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ରୋଷେଇ ଦିବସ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ବିଭିନ୍ନ ଖାଦ୍ୟର ପୋଷକତତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା । ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ସୁସ୍ଥ ଶରୀରର ଭୂମିକା ବିଷୟରେ ବୁଝାଯାଇଥିଲା । ଏଥିସହ ୫ ରାଜସ୍ୱ ଗ୍ରାମରେ ସ୍ଥାନୀୟ ଲୋକନାଟ୍ୟ ଦଳ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ନାଟକ ମାଧ୍ୟମରେ ନାରୀ ଶିକ୍ଷା, ସ୍ୱଚ୍ଛ ପରିବେଶ, ପୋଷଣର ଆବଶ୍ୟକତା, ବାଲ୍ୟବିବାହର ଅପକାରିତାକୁ ନେଇ ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ରକଳ୍ପ ସମନ୍ୱୟ ଅଧିକାରୀ ସୁଲେଖା ସୁନା, କ୍ଷେତ୍ର ସହାୟକ ଦିଲୀପ କୁମାର ସୁନା, କେ. ନୈଇନା ପାତ୍ର, ମୋହିନୀ ନାୟକ ଓ ପୁନୀତ ଇଶାନ ସାଧୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପୋଷଣ ଉପକରଣ ସାମଗ୍ରୀ ସହ ଉପସ୍ଥିତ କିଶୋରୀ ଓ ମହିଳା।

# ଲୋକଙ୍କ ସେବା ମନୋଭାବ ନେଇ କାମ କରିବାକୁ ଆହ୍ୱାନ

## ୯୧ ତମ ପୋଲିସ ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୧୪(ସଦାଶିବ ପ୍ରହରାଜ)


ଏଏସ୍‌ପିଙ୍କ ସହ ସମ୍ମାନିତ ହୋଇଥିବା ପୋଲିସ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଦିନ ଓଡ଼ିଶା ପୋଲିସ ଗଠନ ହୋଇଥିଲା। ତେଣୁ ଏହି ଦିନ ଓଡ଼ିଶା ପୋଲିସ ପାଇଁ ମଧ୍ୟ ଗର୍ବର ଦିନ ବୋଲି ପୋଲିସ ରିଜର୍ଭ ପଡିଆଠାରେ ଆୟୋଜିତ ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସରେ ନବରଙ୍ଗପୁର ଏଏସ୍‌ପି ଆଦିତ୍ୟ ସେନ୍ କହିଛନ୍ତି। ଓଡ଼ିଶା ପୋଲିସ ନିଜର ଦାୟିତ୍ୱ ତୁଲାଇବା ସହିତ ପରାକାଷ୍ଠା ଦେଖାଇ ଆସୁଛି। ତେଣୁ ଓଡ଼ିଶା ପୋଲିସର ଗୌରବର ଗାଥାକୁ ନବରଙ୍ଗପୁର ପୋଲିସ ବଜାୟ ରଖିବା ସହ ଜନସାଧାରଣଙ୍କ ସେବାରେ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବାକୁ ଏଏସ୍‌ପି ଆଦିତ୍ୟ ସେନ ଆହ୍ୱାନ ଦେଇଥିଲେ। ସେଭଳି ସହୀଦ ବୀର ଯବାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପୋଲିସ ବାହିନୀର ପରେଡରେ ଏଏସ୍‌ପି ଆଦିତ୍ୟ ସେନ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲାର ଶ୍ରେଷ୍ଠ ସବ୍‌ଇନ୍ସପେକ୍ଟର ଭାବେ ଚନ୍ଦନ ସାହୁଙ୍କୁ ମାନପତ୍ର ଓ ପୁରସ୍କାର ରାଶି ଦେଇ ସମ୍ମାନିତ କରାଯାଇଥିଲା। ସେହିଭଳି ଶ୍ରେଷ୍ଠ ଏଏସ୍‌ଆଇ ବିଜୟ କୁମାର ସାହୁ, ଶ୍ରେଷ୍ଠ ଏପିଆର ହାବିଲଦାର ଅବନୀ କୁମାର ଗରଡା, ଶ୍ରେଷ୍ଠ ଓଆର କନଷ୍ଟେବଳ କାର୍ଲିକ ପାଣିଗ୍ରାହୀ, ଶ୍ରେଷ୍ଠ ଏପିଆର କନଷ୍ଟେବଳ ଅଜିତ କୁମାର ସାହୁଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ପୁରସ୍କରା ରାଶି ଦେଇ ସମ୍ମାନିତ କରିଛନ୍ତି। ଏହିକାର୍ଯ୍ୟକ୍ରମରେ ନବରଙ୍ଗପୁର ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା, ପାପଡାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କଣ୍ଡଲ, ନବରଙ୍ଗପୁର ଥାନା ଅଧିକାରୀ ସମିତ କୁମାର ବେହେରାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ଫକୀର ମୋହନ ପଠନଶାଳା ପକ୍ଷରୁ ଓଡ଼ିଶା ଦିବସ

ଉମରକୋଟ,୧୪ (ସନ୍ତୋଷ ସତପଥୀ)

ଫକୀର ମୋହନ ପଠନଶାଳା ପକ୍ଷରୁ ସ୍ଥାନୀୟ ଚଢେଇଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଓଡ଼ିଶା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ପାଠାଗାରର ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡା.ସୁରେନ୍ଦ୍ର ନାଥ ଦାଶ ଯୋଗଦେଇ ଉତ୍କଳର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ମହାନତା ଉପରେ ଆଲୋକପାତ କରିଥିଲେ। ଆଲୋଚକ ଭାବେ ଏବିଇଓ ଦେବେନ୍ଦ୍ର ପ୍ରସାଦ ବାଗ, କେଦାରେଶ୍ୱର ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, ଅଧ୍ୟାପକ ଗୋପାଳ ମହାରଣା, ଅଧ୍ୟାପିକା ମଧୁସ୍ମିତା ମହାରଣା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୂର୍ବବର୍ତ୍ତୀ ସଂଘର୍ଷ କାହାଣୀ ବର୍ଣ୍ଣନା କରିଥିଲେ। ଆୟୋଜିତ ସ୍ୱତନ୍ତ୍ର କବିତା ଆସରରେ ଓଡ଼ିଶାର ସ୍ୱାଭିମାନ ଆଧାରିତ ସ୍ୱରଚିତ କବିତା ରାଜକିଶୋର ନାୟକ, ସାଗର କୁମାର ପରିଡା, ଗୀତାଞ୍ଜଳି ଦାଶ,ପ୍ରକାଶ ଚନ୍ଦ୍ର ବେହେରା, ସଞ୍ଜୟ କୁମାର ପରିଡା, ଶାନ୍ତି ଲତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଗାନକରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ରାମଚନ୍ଦ୍ର ରାମ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ସମ୍ବଳିତ ସାଧାରଣ ଜ୍ଞାନକୁ ନେଇ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କାର ବଣ୍ଟନ କରାଯାଇଥିଲା।

# ଓଡ଼ିଶା ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ପାପଡାହାଣ୍ଡି, ୧୪ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ପଞ୍ଚାୟତ ସମିତି ଆନୁକୂଲ୍ୟରେ ବୁଧବାରଠାରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି । ବୁଧବାର ଶହୀଦ ମିନାରଠାରେ ଓଡ଼ିଶା ଦିବସ ଅବସରରେ ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଶହୀଦ ସ୍ମୃତି ସ୍ତମ୍ଭଠାରେ ଥିବା ମହାପୁରୁଷ ଏବଂ ସହୀଦମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ନବରଙ୍ଗପୁର ଏମ୍‌ପିଙ୍କ ପ୍ରତିନିଧି ସୋମନାଥ ପୁଜାରି, ବିଡିଓ କପିଳଦେବ ସାହୁ, ବିଏସ୍‌ଏସ୍‌ଓ ସୁବ୍ରତ କିସାନ, ଡବ୍ଲୁଇଓ ଦେବବ୍ରତ ପରିଡା, ଜିପିଓ କମଳେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ଥିଲେ ।


ଶହୀଦ ମୀନାରଠାରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

# ଅନ୍ଧାରରେ ପଞ୍ଚାୟତ ସହ ଇନ୍ଦ୍ରାବତୀର ୪ ବନ୍ଧ

ତେନ୍ତୁଳିଖୁଣ୍ଟି,୧୪(ଚିଦାନନ୍ଦ ସାହୁ)

## ବକେୟା ବିଲ୍ ଆଦାୟ ନାଁରେ ଜୁଲମ ଅଭିଯୋଗ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ପ୍ରକଳ୍ପ ଜଳ ବ୍ୟବହାରକରି ବିଦ୍ୟୁତ୍ ଉତ୍ପାଦନ ହେବା ପରେ ବଣ୍ଟନ କମ୍ପାନୀ ଗ୍ରାହକଙ୍କୁ ବିଦ୍ୟୁତ୍ ସେବା ଦେଇଥାଏ। ହେଲେ ଜଳ ସମ୍ପଦ ଉତ୍ସ ଉପରେ ବଣ୍ଟନ କମ୍ପାନୀର ଜୁଲମ ଦେଖିବାକୁ ମିଳିଛି। ବକେୟା ବିଲ୍ ଆଦାୟ ନାଁରେ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ଗୌଡ଼ ଦେଓପାଲି ଗ୍ରାମପଞ୍ଚାୟତ ସହ ଇନ୍ଦ୍ରାବତୀ ଜଳଭଣ୍ଡାର ପ୍ରକଳ୍ପର ୪ ବନ୍ଧକୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବାରୁ ଏବେ ଅନ୍ଧାରରେ ରହିଛି। ଟାଟା ପାୱାର ପକ୍ଷରୁ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିବାରୁ ଗତ ୩ ଦିନ ହେଲା ଇନ୍ଦ୍ରାବତୀର ୪ ବନ୍ଧ କପୁର, ମୁରାନ, ଦେଓପାଲି ଓ ପୋଡ଼ାଗଡ଼ ସହ ମୁରାନ ବନ୍ଧ ବିଭାଗର ଅତିଥି ଭବନ ଏବଂ ମୁରାନ କଲୋନି ଅନ୍ଧାରରେ ରହିଛି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ମୁରାନ ବନ୍ଧରେ ଡି ୱାଟରିଂ ପ୍ରଭାବିତ ହେବା ସହ ବନ୍ଧର ସୁରକ୍ଷା ବିପଦରେ ରହିଛି। ବିନା ସୂଚନାରେ ସ୍ୱର୍ଣ୍ଣକାତର ଅଞ୍ଚଳ ତଥା ସରକାରୀ ବିଭାଗ ଦ୍ୱାରା ପରିଚାଳିତ ସ୍ଥାନର ବିଦ୍ୟୁତ୍ ବିଚ୍ଛିନ୍ନ କରିବା ଘଟଣାକୁ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ପୋଡ଼ାଗଡ଼ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ପଟ୍ଟନାୟକ, ମୁରାନ ବନ୍ଧ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୁଲସନ ଦେବ ମାର୍କମଙ୍କୁ ପଚାରିବାର ବିଦ୍ୟୁତ୍ ବିଭାଗ କରେଣ୍ଟ କାଟି ଦେଇଥିବା କହିଥିଲେ। ଏନେଇ ତେନ୍ତୁଳିଖୁଣ୍ଟି ଟିପିଏସ୍‌ଓଡିଏଲ୍ ଯନ୍ତ୍ରୀ ଭରତ ତନ୍ତୀଙ୍କୁ ପଚାରିବାରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ସେ ବିଦ୍ୟୁତ୍ ବିଚ୍ଛିନ୍ନ କରିଥିବା କହିଛନ୍ତି । ପୂର୍ବ ବକେୟା ବିଦ୍ୟୁତ୍ ବିଲ୍ ସର୍ବକ୍ଷମା, ବିପିଏଲ୍ ପରିବାର ପାଇଁ ମାସିକ ସର୍ବନିମ୍ନ ବିଲ୍, ସମସ୍ତ ବିପିଏଲ୍ ପରିବାରକୁ ମାଗଣାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସାମିଲ ନେଇ ଗୌଡ଼ ଦେଓପାଲି ସରପଞ୍ଚ ଦାବିପତ୍ର ଦେଇଛନ୍ତି। ପଞ୍ଚାୟତର ସମସ୍ତ ଗ୍ରାମବାସୀଙ୍କୁ ତୁରନ୍ତ ବିଦ୍ୟୁତ୍ ସେବା ଯୋଗାଇ ଦିଆ ନ ଗଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସରପଞ୍ଚ ପ୍ରମିଳା ମୁଦୁଲି କହିଛନ୍ତି।

# ସମସ୍ତଙ୍କ ସହଯୋଗରେ ହିଁ କିନ୍ନର ସମାଜର ଉନ୍ନତି ହୋଇପାରିବ



ଜିଲା ପ୍ରଶାସନ ପକ୍ଷରୁ କିନ୍ନର ସଂଘକୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଉଛି।

ନବରଙ୍ଗପୁର,୧୪(ସଦାଶିବ ପ୍ରହରାଜ)

## ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟ ମାନ୍ୟତା ଦିବସ

ନବରଙ୍ଗପୁର ଜିଲା ପ୍ରଶାସନ ତଥା ଜିଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟ ମାନ୍ୟତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲାର ସମସ୍ତ କିନ୍ନର ଏବଂ ସହରର ବିଭିନ୍ନ ଅନୁଷ୍ଠାନ ତଥା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ସ୍ଥାନୀୟ ମା' ଭଣ୍ଡାରଘରଣୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାଜା ବାଜଣା ସହ ଏକ ବିରାଟ ରାଲି ବାହାରି ବିନାୟକ ଭବନଠାରେ ପହଞ୍ଚିଥିଲା। ଏହି ରାଲିରେ ପୌରାଧ୍ୟକ୍ଷ କୁନୁ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲା କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ, ଉପଦେଷ୍ଟା ଜଗନ୍ନାଥ ମହାପାତ୍ର, ଉପଦେଷ୍ଟା ଶର୍ମିଷ୍ଠା ଦେଓଙ୍କ ସମେତ ଜିଲାର ସମସ୍ତ ବ୍ଲକ୍‌ରୁ ଆସିଥିବା କିନ୍ନରମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ବିନାୟକ ଭବନ ପରିସରରେ ଅବସ୍ଥିତ ସମ୍ମିଳନୀ ଗୃହରେ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ରଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ କିନ୍ନର ସଂଘର ଅଧ୍ୟକ୍ଷ ମନୋଜ କୁମାର ପଟ୍ଟନାୟକ ଯୋଗଦେଇ ସମାଜର ବିଭିନ୍ନ ବର୍ଗର ସହଯୋଗରେ ହିଁ କିନ୍ନର ସମାଜର ଉନ୍ନତି ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କିନ୍ନର ସଂଘର ସଭାପତି କାଜୋଲ କିନ୍ନର ଏବଂ ସମ୍ପାଦକ ଟୁମୁକି କିନ୍ନର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଆଶାକିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ନୂତନ ଭାବରେ ସଂଘରେ ଯୋଗଦେଇଥିବା ୫ଜଣ କିନ୍ନରଙ୍କୁ ଉପଢୌକନ ସହ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଜିଲା କିନ୍ନର ସଂଘକୁ କମ୍ପ୍ୟୁଟର, ଫ୍ୟାନ୍, ଚୌକି ଟେବୁଲ ଏବଂ ଟିଭି ଆଦି ପ୍ରଦାନ କରାଯାଇଥିଲା। ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରୀ ଏ.ଧନୁର୍ଜୟ ରାଓ, ମିଥୁନ ତ୍ରିପାଠୀ, ବୃନ୍ଦାବନ ବେବର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଆ ଭାଷାର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ

## ଉତ୍କଳ ପରିଷଦ ପକ୍ଷରୁ ଓଡ଼ିଶା ଦିବସ

ନବରଙ୍ଗପୁର,୧୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସହରର ଅଗ୍ରଣୀ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ଉତ୍କଳ ପରିଷଦ ତରଫରୁ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ନବରଙ୍ଗପୁର ସହରରେ ଥିବା ଓଡ଼ିଶା ଗଠନର ମୁଖ୍ୟ ପୁରୋଧା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା। ଏହାପରେ ସ୍ଥାନୀୟ ତୃପ୍ତି ସମ୍ମିଳନୀ କକ୍ଷଠାରେ ଉତ୍କଳ ପରିଷଦ ସଭାପତି ବିଜୟ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଏକ ଆଲୋଚନା ଚକ୍ର ଓ କବିତା ପାଠ ଉତ୍ସବ ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଅଧିବକ୍ତା ଖାଡେଶ୍ୱର ଖାଡ଼ଙ୍ଗା ଯୋଗଦେଇ ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ସଂସ୍କୃତି ଓ ସମ୍ପ୍ରଦାୟର ସୁରକ୍ଷା ପାଇଁ ସବୁବର୍ଗର ବ୍ୟକ୍ତିବିଶେଷଙ୍କୁ ଆନ୍ତରିକତାର ସହ ଆଗେଇ ଆସିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ଉତ୍କଳ ପରିଷଦର ଉପଦେଷ୍ଟା ଜଗନ୍ନାଥ ମହାପାତ୍ର ଓଡ଼ିଶା ଇତିହାସର ଭାଷା ଆନ୍ଦୋଳନରେ ନବରଙ୍ଗପୁର ଜିଲାର ଲେଖକଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ପରିଷଦର ଉପ ସଭାପତି ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ଅନ୍ୟତମ ଅତିଥି ଭାବେ ପରିଷଦର ସାଂଗଠନିକ ସମ୍ପାଦକ ଅଖିଳ କୁମାର ଭଞ୍ଜ ସମ୍ପ୍ରତି ପରିସ୍ଥିତିରେ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ସମସ୍ତେ ସଚେତନ ହୋଇ ଏକ ଆଦର୍ଶ ରାଜ୍ୟ ଗଠନର ସ୍ୱପ୍ନ ଦେଖିବା ପାଇଁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ସଭାପତି ଚୌଧୁରୀ ଓଡ଼ିଆ ଭାଷା ଓ ତାହାର ସୁରକ୍ଷା ପାଇଁ ଉତ୍କଳ ପରିଷଦର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ପରିଷଦର ସହ ସମ୍ପାଦକ ମନୋଜ ପଟ୍ଟନାୟକ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଏକ କବିତା ପାଠ ଉତ୍ସବ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧିବକ୍ତା ତଥା ପରିଷଦର ଯୁଗ୍ମ ସମ୍ପାଦକ ଗୋପାଳ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଅତିଥିଙ୍କ ଦାରା କବିତା ଆବୃତ୍ତି କରିଥିବା କବି ଓ କବୟିତ୍ରୀଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରଯାଇଥିଲା । ଶେଷରେ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ଉପଦେଷ୍ଟା ଦେବେନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ କୁମାର ମିଶ୍ର, ଗଣେଶ୍ୱର ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମିଶ୍ର, ଜଗନ୍ନାଥ ବେହେରା, ଜାହ୍ନବୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଉତ୍କଳ ପରିଷଦ କର୍ମକର୍ତ୍ତା ।

## ସଂକ୍ଷେପରେ

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଏମ୍‌ଭି–୭୯, ୧।୪(ଆଶିଷ ବାଇନ)

ମାଲକାନଗିରି ଜିଲା ଏମ୍‌ଭି–୭୯ ବ୍ଲକ୍ ଏମ୍‌ପିଭି–୭୩ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଦୟାଲ ବୈରାଗୀଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦୟାଲ ୧୯୮୮ରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର, ଅଭିଭାବକ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ। ସଭାରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦେଙ୍କ ସଭାପତିତ୍ୱରେ ପରିଚାଳନା କମିଟି ସଭାପତି ସୁକୁମାର ମଣ୍ଡଳ, ଏମ୍‌ଭି ୮୮ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଶାନ୍ତ ସର୍ଦ୍ଦାର, ଗାଁ ସଭାପତି ସୁଜନ ବୈରାଗୀ, ଅବସରପ୍ରାପ୍ତ ଶିକ୍ଷକ ତପନ କୁମାର ବାଇନ, ସିଆର୍‌ସିସି କିଶୋର ଚନ୍ଦ୍ର ସାହୁ, ଶ୍ରୀବାସ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଦେ ଧନ୍ୟବାଦ ଦେଇଥିଲେ।

### ଗଞ୍ଜେଇ ଚୋରା ଚାଲାଣ ମାମଲା
### କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା, ଅଭିଯୁକ୍ତ ଗିରଫ

କୋରୁକୋଣ୍ଡା, ୧।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗରେ କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ କଣ୍ଡେଲଗୁଡା ଗାଁରୁ ଜୟରାମ ଖରା(୨୮)ଙ୍କୁ ମଙ୍ଗଳବାର ଗିରଫ କରିଛି। ଜୟରାମ ୨୦୨୨ରେ କେତେକ ବ୍ୟକ୍ତିଙ୍କ ସହ କଉଡ଼ିରେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ଓର୍କେଲ ଥାନାରେ ନଂ୧୫୬/୨୦୨୨ରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ଜୟରାମ କିଛି ମାସ ଜେଲରେ ରହିବା ପରେ ଜମାନତରେ ଆସିଥିଲେ। ବର୍ତ୍ତମାନ ମାମଲା କୋର୍ଟରେ ବିଚାରାଧୀନ ରହିଛି। କିନ୍ତୁ ଧାର୍ଯ୍ୟ ତାରିଖରେ କୋର୍ଟରେ ହଜାର ହେବାକୁ ଜୟରାମଙ୍କୁ ବାରମ୍ବାର ନୋଟିସ ପଠାଯାଉଥିଲେ ସୁଦ୍ଧା ସେ ଦୀର୍ଘ ୨,୩ ବର୍ଷ ହେବ କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ହଜାର ହେଉ ନ ଥିଲେ। କୋର୍ଟ ଜୟରାମଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜୟରାମଙ୍କୁ ଗିରଫ କରାଯାଇଥିଲା। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ

ଉମରକୋଟ, ୧।୪ (ସନ୍ତୋଷ ସତପଥୀ)

ଜାମରୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଘନଶ୍ୟାମ ମାଝିଙ୍କ ନେତୃତ୍ୱରେ ୫ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡା ଅନୁଷ୍ଠିତ ହୋଇଥିଲା। ପିଲାମାନେ ଯେପରି ଖେଳ ମାଧ୍ୟମରେ ବନ୍ଧୁତ୍ୱ, ଭାତୃଭାବ ଓ ସମ୍ମାନ ଅନୁଭବ କରିବେ ସେଥିପାଇଁ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଡକ୍ଟର ପ୍ରଦୀପ କୁମାର ମିଶ୍ରଙ୍କ ସଂଯୋଜନାରେ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଗଦୀଶ ଗଣ୍ଡ, ମୁଖ୍ୟବକ୍ତା ରାଜ୍ୟ ହକି ସଂଗଠନର ସଦସ୍ୟା ଇଂ. ଚନ୍ଦନା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବାଘ ଓ ସିଆରସିସି ଚୈତନ ସାହୁ ରହିଥିଲେ। ଗତ ବର୍ଷ ବିଦ୍ୟାଳୟର ୫ ଛାତ୍ର କ୍ରୀଡା କ୍ଷେତ୍ରରେ ଜାତୀୟ ଓ ରାଜ୍ୟସ୍ତରରେ ଖେଳି ସୁନାମ ଆଣିଥିବାରୁ ଅତିଥିମାନେ ଅନୁଷ୍ଠାନର ପ୍ରସଂଶା କରିଥିଲେ। ଶିକ୍ଷକ ଅଭିନ୍ନ ଦାସ, ଆଲୋକ ଷଣ୍ଢ, ସୁରେଶ ଚନ୍ଦ୍ର ଆଲଟିଆ, ବିଦ୍ୟୁତ ଲତା ମହାନ୍ତି ରଙ୍ଗୋଲି, ଓ କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଓଡ଼ିଶାର କଳା, ସଂସ୍କୃତି, ଭାଷାର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ

### ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଓ ଅନ୍ୟମାନେ।

ମାଲକାନଗିରି ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲାପାଳ ଓ ଅନ୍ୟ ଅତିଥି ଓଡ଼ିଶା ଗଠନର କର୍ଣ୍ଣଧାର ତଥା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ମାତୃଭୂମିର ସେବା ଓ ଉନ୍ନତି ପାଇଁ ସଙ୍କଳ୍ପବଦ୍ଧ ହେବାକୁ ଜିଲାପାଳ ରାଜସିର୍କେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର ଉପସ୍ଥିତ ଥିଲେ। ଭାଷାଭିତ୍ତିରେ ଗଠିତ ରାଜ୍ୟ ଓଡ଼ିଶାର ସ୍ୱାଭିମାନକୁ ବଜାୟ ରଖିବା ପ୍ରତି ଓଡ଼ିଆଙ୍କ କର୍ତ୍ତବ୍ୟ ବୋଲି ଅତିଥିମାନେ ମତ ରଖିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ଭୂମିକା ଅତୁଳନୀୟ। ସେମାନଙ୍କ ସ୍ୱପ୍ନର ଓଡ଼ିଶା ଗଠନ କରିବାକୁ ଆମକୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ହେବ ବୋଲି କହିଛନ୍ତି। ଯୁବପୀଢ଼ି ଓଡ଼ିଶାର କଳା, ସଂସ୍କୃତି ଓ ଭାଷାର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସଦସ୍ୟମାନେ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭାଗୀୟ କର୍ମଚାରୀ ହରେକୃଷ୍ଣ କୀର୍ତ୍ତନିଆ ଓ ରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ପୋଲିସ ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ୯୧ତମ ପୋଲିସ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଜିଲା ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଏସ୍‌ପି ରାଜକିଶୋର ଦାସ, ପୋଲିସ ବିଭାଗ ବରିଷ୍ଠ ଅଧିକାରୀ, ବିଏସଏଫ୍ କମାଣ୍ଡେଣ୍ଟ, ଖବରଦାତା ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ୧୯୩୬ରେ ଓଡ଼ିଶାରେ ପୋଲିସ ବିଭାଗକୁ ଏକ ସ୍ୱତନ୍ତ୍ର ଭାବେ ଗଠନ କରାଯାଇ ଏପ୍ରିଲ ୧କୁ ପୋଲିସ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। ପ୍ୟାରେଡ ପରେ ଜିଲା ଏମ୍‌ପି ପାଟିଲ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଚଳିତବର୍ଷ ନିଷ୍ଠାର ସହ କର୍ତ୍ତବ୍ୟ କରିଥିବା ପୋଲିସ ଅଧିକାରୀମାନଙ୍କୁ ପୁରସ୍କାର ରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ନିଷ୍ଠାର ସର୍ବଦା କାର୍ଯ୍ୟ କରିବାକୁ ଉତ୍ସାହିତ କରାଯାଇଥିଲା।

# ଶହୀଦ ଗ୍ରାମରକ୍ଷୀଙ୍କ ପରିବାରକୁ ଭେଟିଲେ ପୋଲିସ କର୍ମଚାରୀ

କୋରାପୁଟ/ନାରାୟଣପାଟଣା, ୧।୪
(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ପୋଲିସ ପକ୍ଷରୁ ଶହୀଦ ଜଗବନ୍ଧୁ ତାଡିଙ୍ଗୀ ପରିବାର ଲୋକଙ୍କୁ ଭେଟି ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଲକ୍ଷ୍ମୀପୁର ଏସଡିପିଓ ମନୋଜ କୁମାର ବେହେରା, ନାରାୟଣପାଟଣା ଥାନାଧିକାରୀ ମମତା ପଣ୍ଡା ପୁଷ୍ପଗୁଚ୍ଛ, ଶହୀଦ ସ୍ମାରକପତ୍ର ପ୍ରଦାନ କରିଥିଲେ। ୨୦୦୯ ଡିସେମ୍ବର ୩୧ରେ ଜଗବନ୍ଧୁଙ୍କୁ ମାଓବାଦୀ ଓ ସମର୍ଥକ ଡୁମୁସିଲି ଗାଁରେ ପଶି ହାତଗୋଡ଼ ବାନ୍ଧି ହତ୍ୟା କରି ପୋତି ଦେଇଥିଲେ। ୬ ମାସ ପରେ ତାଙ୍କ ମୃତଦେହ ମିଳିଥିଲା। ପରିବାର ସେଦିନର କାହାଣୀ କହିଥିଲେ। ୩ ପୁଅ ଝିଅକୁ ଧରି ଭିଟାମାଟି ଛାଡ଼ି ନାରାୟଣପାଟଣା ବିସ୍ଥାପିତ କଲୋନିରେ ରହୁଥିବା କହିଛନ୍ତି ପରିବାର।

# ଶ୍ରେଷ୍ଠ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ପୁରସ୍କୃତ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଂସ୍କୃତି ଭବନରେ ଜିଲାସ୍ତରୀୟ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗରେ ପୁରସ୍କାର ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ–ତଥା–ନିର୍ବାହୀ ଅଧିକାରୀ ଦଶରଥୀ ସରାବୁ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଡୋଳାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସେବାକୁ ତୃଣମୂଳ ସ୍ତରରେ ପହଞ୍ଚାଇଥିବା କର୍ମୀ ଓ ସଙ୍ଗଠନକୁ ସମ୍ମାନିତ କରାଯାଇଥିଲା। କୋରୁକୋଣ୍ଡା ବ୍ଲକର ପୁଷ୍ପଲତା କବାସୀଙ୍କୁ ୧୦ହଜାର ଟଙ୍କା ପ୍ରଥମ ପୁରସ୍କାର, ମାଲକାନଗିରିର କବିତା ପାଙ୍ଗୁଲୁ ଦ୍ୱିତୀୟ ଓ ବସନ୍ତ ମଞ୍ଜରି ଭଞ୍ଜ ଓ ଗୁରୁବାରୀ ସରାବୁ ଯୁଗ୍ମ ଭାବେ ୩ୟ ପୁରସ୍କାର ପାଇଛନ୍ତି। କୋରୁକୋଣ୍ଡା, ଖଇରପୁଟ, କାଳିମେଳା, ପଡ଼ିଆ, ମାଲକାନଗିରି ଓ ମାଥିଲି ବ୍ଲକର ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ୧୩ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଛି। ବିଭିନ୍ନ ବ୍ଲକର ୭ ଶ୍ରେଷ୍ଠ ଗାଁ କଲ୍ୟାଣ ସମିତିଙ୍କୁ ୧୦ହଜାର ଟଙ୍କା ଲେଖାଏ ପୁରସ୍କାର ମିଳିଛି। ଆଶାକର୍ମୀ ଚନ୍ଦ୍ରିକା ଛତ୍ରିଆଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। ଗ୍ରାମାଞ୍ଚଳରେ ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ କରିବା ଓ ସରକାରୀ ସ୍ୱାସ୍ଥ୍ୟ ଯୋଜନାକୁ ପହଞ୍ଚାଇବାରେ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶଂସା କରିଥିଲେ। ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଦୁର୍ଗାପ୍ରସାଦ ରାଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଆତ୍ମହତ୍ୟା ଉଦ୍ୟମ: ଯୁବତୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

କୋରୁକୋଣ୍ଡା, ୧।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧୀନ ସୀମାଗାନ୍ଧୀ ଗାଁର ଜଣେ ଯୁକ୍ତ ୨ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଛି। ମୃତା ହେଲେ ସୀମାଗାନ୍ଧୀ ଗାଁର ସୋନୁ ପଡାଲଙ୍କ ଝିଅ ଚମ୍ପା ପଡାଲ(୧୮)। ସୂଚନାନୁଯାୟୀ, ଚମ୍ପା ମାଲକାନଗିରିର ଏକ କଲେଜରେ ଯୁକ୍ତ–୨ ପଢୁଥିଲେ। ସେ କିଛିଦିନ ପାଇଁ ଘରକୁ ଆସିଥିବା ବେଳେ କୌଣସି କାରଣରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବାନ୍ତି କରିବାରୁ ପରିବାର ଲୋକେ ତାଙ୍କୁ କଲ୍ଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ମାଲକାନଗିରି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ତାଙ୍କ ବାପା ଓର୍କେଲ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ଧୀରେନ୍ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ନଂ ୪/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏଏସଆଇ ସତାଦଳ ମଣ୍ଡଳଙ୍କ ନେତୃତ୍ୱରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆତ୍ମହତ୍ୟା କାରଣ ଅସ୍ପଷ୍ଟ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଜିଲା ଓକିଲ ସଂଘ ଶପଥ ପାଠ ଉତ୍ସବ

ମାଲକାନଗିରି, ୧।୪(ସୁଚିତ୍ରା ଦାସ)

ମାଲକାନଗିରି ଓକିଲ ସଂଘ ନବ ନିର୍ବାଚିତ ପ୍ରତିନିଧିମାନଙ୍କ ଶପଥ ପାଠ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଆଇନଜୀବୀ ରତିକୃଷ୍ଣ ପାତ୍ର ଓକିଲ ସଂଘ ସଭାଗୃହରେ ଶପଥ ପାଠ କରାଇଥିଲେ। ସଭାପତି ପ୍ରୀତିପଲ ସିଂ, ଉପସଭାପତି ସରୋଜ କୁମାର ମହାନ୍ତି, ସମ୍ପାଦକ ନୃସିଂହ ଚରଣ ମହାନ୍ତି, ସହସମ୍ପାଦକ ସାଗର ପାଣିଗ୍ରାହୀ, କୋଷାଧ୍ୟକ୍ଷ ବିଭୁ ଆସିଦାନ ସଗରିଆ ଓ ଏକ୍‌ଜିକ୍ୟୁଟିଭ ମେମ୍ବର ନୀଳକଣ୍ଠ ମଲିକ ଶପଥ ପାଠ କରିଥଲେ। ଏହି ଅବସରରେ ସଭାପତି ସିଂ ଓକିଲ ସଂଘର ଅଧୁରା କାମ କରିବାକୁ କହିଥିଲେ। ଓକିଲ ସଂଘ ସମସ୍ତ ଜନସାଧାରଣଙ୍କ ସେବାରେ ନିୟୋଜିତ ରହିବ ବୋଲି ସମ୍ପାଦକ ମହାନ୍ତି କହିଛନ୍ତି। ଏଥିସହ ସମସ୍ତ ଆଇନଜୀବୀଙ୍କ ସୁରକ୍ଷା ଓ ପେସାରେ ସଂଘ ସର୍ବଦା ସହଯୋଗ କରିବ ବୋଲି କହିଛନ୍ତି। ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଓକିଲ ସଂଘର ସଦସ୍ୟମାନେ।

# ରାଜ୍ୟସ୍ତରୀୟ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଘାଟିତ

କୋରୁକୋଣ୍ଡା, ୧।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଜନଜାତି ସ୍ୱେଚ୍ଛାସେବୀ ସଶକ୍ତିକରଣର ତିନିଦିନିଆ ଶିବିର ବୁଧବାର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ସଭାପତି ତଥା ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ବେଦବର ପ୍ରଧାନ, ଚିତ୍ରକୋଣ୍ଡା ମଣ୍ଡଳୀ ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଖଇରପୁଟ ବିଡିଓ ଅର୍ପିତା ମହାନ୍ତି, କୁଡୁମୁଲୁଗୁମ୍ମା ତହସିଲଦାର କ୍ରିଷ୍ଣଚନ୍ଦ୍ର ଦାସ, ଅତିରିକ୍ତ ଜିଲାପାଳ ବିଜୟ କୁମାର ମାଣ୍ଡାଙ୍ଗି ଓ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପ୍ରୋଗ୍ରାମ ସଂଯୋଜକ ଡ. ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ବିଶ୍ୱଜିତ ମହାନ୍ତି ଶିବିର ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ। ପ୍ରତି ସ୍ୱେଚ୍ଛାସେବୀ ନିସ୍ୱାର୍ଥପର ସମର୍ପଣ ଭାବନା ସହ କାର୍ଯ୍ୟ କରିଲେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପୂରଣ ହେବ ବୋଲି ଅତିଥି କହିଥିଲେ। ମୁଖ୍ୟବକ୍ତା ଯୁବକମାନଙ୍କ ମଧ୍ୟରେ ସେବା ଭାବନା ବିକଶିତ କରିବା ଏନ୍‌ଏସ୍‌ଏସ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ୨୦ ପର୍ଯ୍ୟାୟର କାର୍ଯ୍ୟକ୍ରମ ନେଇ ବିବରଣୀ ପ୍ରଦାନ କରାଯାଇଥିଲା। ସମସ୍ତ ସ୍ୱେଚ୍ଛାସେବୀ ଶାରିରୀକ ଓ ମାନସିକ ସ୍ତରରେ ପ୍ରସ୍ତୁତ ରହିବାକୁ ଅନୁରୋଧ କରାଯାଇଛି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀମାନେ।

# ବିବେକାନନ୍ଦ ସ୍ମାର୍ଟ ସ୍କୁଲ ବାର୍ଷିକ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରୁକୋଣ୍ଡା, ୧।୪(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହର ଟାଉନ ହଲ୍ ପରିସରରେ ବିବେକାନନ୍ଦ ସ୍ମାର୍ଟ ସ୍କୁଲ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରମୁଖ ନରେଶ ଚନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ସଭାପତି ବାଲିମେଳା ଏନ୍‌ଏସିର ନଗରପାଳ ପ୍ରଦୀପ କୁମାର ନାୟକ, ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକ, ଓୟୁଜେ ରାଜ୍ୟ ସଭାପତି ଦେବ ପ୍ରସାଦ ଦାସ, ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ, ବରିଷ୍ଠ ଶିକ୍ଷକ ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହା ପରେ ବିଦ୍ୟାଳୟ ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ଛାତ୍ରୀଛାତ୍ର ଓଡ଼ିଶୀ, ଦେଶାତ୍ମବୋଧକ, ସମ୍ବଲପୁରୀ, ଆଦିବାସୀ ଲୋକ ନୃତ୍ୟ ଓ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ ସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ଶିକ୍ଷକ ପରିଚାଳନା କରିଥିଲେ।

# ଦେଶୀ ମଦ ଜବତ କରି ଅବକାରୀ ବିଭାଗକୁ ହସ୍ତାନ୍ତର କଲେ ଗ୍ରାମବାସୀ

ପାପଡାହାଣ୍ଡି, ୧।୪ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡାହାଣ୍ଡି ବ୍ଲକ ଦଳେଇଗୁଡ଼ାରୁ ୫୦୦ ମିଟର ଦୂରରେ ରହିଥିବା ଦୁଲପୁର ଗ୍ରାମରେ ମଦ ବିକ୍ରି ଜାରି ରହିଛି। ବୁଧବାର ଦଳେଇଗୁଡ଼ା ମହିଳା ମୋର୍ଚ୍ଚା ଜାଣିବା ପରେ ଗ୍ରାମବାସୀଙ୍କ ସହ ଦୁଲପୁର ଗ୍ରାମକୁ ଯାଇ ସେଠାରେ ରଧାମା ଭତରା ଘରେ ଥିବା ଦେଶୀ ମଦ ଓ ପାଉଚ ମଦ ରହିଥିବା ଜାଣି ଅବକାରୀ ବିଭାଗକୁ ଖବର ଦେଇଥିଲେ। ଅବକାରୀ ବିଭାଗର ଏକ ଟିମ୍ ପହଞ୍ଚି ରାଧମାଙ୍କ ଘରୁ ୧୬ ଲିଟର ଦେଶୀ ମଦ ଓ ୮ ଲିଟର ପାଉଚ ମଦ ଜବତ କରିଥିଲେ। ମହିଳା ଓ ବିଭାଗ ତରଫରୁ ମଦ ନଷ୍ଟ କରାଯାଇଥିଲା। ରଧମାଙ୍କ ନାଁରେ ଏକ ମାମଲା ରୁଜୁ କରି ନୋଟିସ ଦେଇ ଛାଡି ଦେଇଥିଲେ। ଚଢାଉ ସମୟରେ ଚଇତି ଭତରା, ପଦମା ଭତରା, କୁମାରୀ ଭତରା, ରାମବତୀ ଭତରା, କମଳା ଭତରା, ଫୁଲ ଭତରା, ମୋତେଇ ଭତରା ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ଜିଲାର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ

ମାଲକାନଗିରି/ମାଥିଲି/ଚିତ୍ରକୋଣ୍ଡା, ୧।୪
(ଗୌରିଶଙ୍କର ପଣ୍ଡା/ ସୁଚିତ୍ରା ଦାସ/ସୁବାଷଚନ୍ଦ୍ର ଖୁଣ୍ଟିଆ/ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠି/ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଜିଲା ସଦରସ୍ଥିତ ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ପରିସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ପତାକା ଉତ୍ତୋଳନ କରଯାଇ ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା। ପରେ ସର୍କିଟ ହାଉସସ୍ଥିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ଉତ୍କଳ ସମ୍ମିଳନୀ ସଭାପତି ଦୁଷ୍ମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଉପସଭାପତି ଲମ୍ବୋଧର ଡୁରୁକ, ସମ୍ପାଦକ ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ସଦରର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘରେ ପାଳିତ ହୋଇଛି। ଉପସଭାପତି ସୁରେନ୍ଦ୍ର କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ସମ୍ପାଦକ ଅଶୋକ ସାମଲ ଉପସ୍ଥିତ ଥିଲ। ମାଲକାନଗିରି ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଜାତିର ସ୍ୱାଭିମାନ, ସଂସ୍କୃତି ଓ ଐତିହ୍ୟକୁ ସ୍ମରଣ କରି ପାଳନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଡ. ଆଲୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆଡ଼ମିଷ୍ଟ୍ରେଟିଭ ଭର୍ଷର ଡ଼. ପ୍ରସନ୍ନ କୁମାର ବରାଳ ଉପସ୍ଥିତ ଥିଲେ। ମହାନ ବ୍ୟକ୍ତିତ୍ୱମାନଙ୍କୁ ପୁଷ୍ପାଞ୍ଜଳି ଦିଆଯାଇଥିଲା। ଓଡ଼ିଶା ଦିବସ ଅବସରରେ ମାଥିଲି ବ୍ଲକ ସଭାପତି ଶିବପ୍ରସାଦ ପରିଚ୍ଛାଙ୍କ ନେତୃତ୍ୱରେ ଶ୍ରୀରାମଲିଙ୍ଗେଶ୍ୱର ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ସମାଜର ବରିଷ୍ଠ ଉପଦେଷ୍ଟା ବସନ୍ତ କୁମାର ପଣ୍ଡା, ପ୍ରକାଶ ଚନ୍ଦ୍ର ହୋତା, ସିମାଞ୍ଚଳ ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମାଥିଲି ଗାନ୍ଧୀ ଛକରେ ବନ୍ଦେ ଉତ୍କଳ ଜନନୀ ଗାନ ସହ ପୁନଃ ଯାତ୍ରା ରାମ ମନ୍ଦିରରେ ରାଲି ସରିଥିଲା। କାର୍ଯ୍ୟକ୍ରମରେ ପ୍ରଭାକର ପାଢ଼ୀ, ମନୁ ପଣ୍ଡା, ଲକ୍ଷ୍ମୀ ସାହୁ ପ୍ରମୁଖ ଶତାଧିକ ବ୍ରାହ୍ମଣ ଯୋଗଦେଇଥିଲେ। ଚିତ୍ରକୋଣ୍ଡା ପଞ୍ଚାୟତ ସମିତିରେ ବୈଠକ ଗୃହରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏଥିରେ ବିଡିଓ ପ୍ରୀତା କୁମାର, ବିଏସଏସଓ ଶଶାଙ୍କ ସୌମ୍ୟରଞ୍ଜନ, ଜିପିଓ ହେମନ୍ତ କୁମାର ଭୂୟାଁ ଯୋଗଦେଇ ବରପୁତ୍ରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୋଟୁ ଅଞ୍ଚଳର ମୁଗିପାଇଣ୍ଟରେ ଓଡ଼ିଶା ଦିବସ ପାଳିତ ହୋଇଛି। ମୋଟୁ ତହସିଲଦାର ଅର୍ଜୁନ ପ୍ରଧାନଙ୍କ ନେତୃତ୍ୱରେ ତହସିଲ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ମୋଟୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୂର୍ଯ୍ୟପ୍ରକାଶ ମାଟିୟା ଉପସ୍ଥିତ ଥିଲେ। ମୁଗିପାଇଣ୍ଟରେ ଅବସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# ଜନସାଧାରଣ ଠିକ୍ ତଥ୍ୟ ଦେବାକୁ ଜିଲାପାଳଙ୍କ ନିବେଦନ

### ଜନଗଣନା ପାଇଁ ପ୍ରଶାସନର ରଥ ଶୁଭାରମ୍ଭ

ମାଲକାନଗିରି, ୧।୪(ଦୁର୍ଯ୍ୟୋଧନ ପାତ୍ର)



ଜିଲାପାଳ ଓ ଅନ୍ୟ ଅଧିକାରୀ ପତାକା ଦେଖାଇ ରଥ ଶୁଭାରମ୍ଭ କରୁଛନ୍ତି।

୨୦୨୭ ଜନଗଣନାକୁ ସଫଳ କରିବା ପାଇଁ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଜନଗଣନା ରଥ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହା ମାଧ୍ୟମରେ ଗୃହ ଗଣନା ଓ ଜନଗଣନା ପ୍ରକ୍ରିୟା ନେଇ ଲୋକଙ୍କୁ ଅବଗତ କରାଯିବ। ଜନଗଣନା ୨ଟି ପର୍ଯ୍ୟାୟରେ ହେବ। ଡିଜିଟାଲ ସ୍ୱଗଣନା ମାଧ୍ୟମରେ ଏପ୍ରିଲ ୧ରୁ ୧୫ ଯାଏ ଜନସାଧାରଣ se.census.gov.in ପୋର୍ଟାଲ ବ୍ୟବହାର କରି ତଥ୍ୟ ଅନ୍‌ଲାଇନ୍‌ରେ ଦେଇପାରିବେ। କ୍ଷେତ୍ରସ୍ତରୀୟ ଗଣନା ପାଇଁ ଏପ୍ରିଲ ୧୬ରୁ ମେ ୧୫ ଯାଏ ଗଣନାକାରୀମାନେ ଘରକୁ ଘର ବୁଲି ୩୩ ପ୍ରଶ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ। ଏଥିପାଇଁ ଜିଲାରେ ୧୨୭୯ ଗଣନାକାରୀ ଓ ୨୨୨ ନିରୀକ୍ଷକ ନିୟୋଜିତ ହୋଇଛନ୍ତି। ଏପ୍ରିଲ ୧ରୁ ଏପ୍ରିଲ ୧୫ ସ୍ୱଗଣନା ଓ ଏପ୍ରିଲ ୧୬ରୁ ମେ ୧୫ ଯାଏ ପ୍ରକୃତ ଗୃହଗଣନା ଘରେ ଘରେ ହେବ। କାର୍ଯ୍ୟକ୍ରମରେ ଜିଲା ଜନଗଣନା ଅଧିକାରୀ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଉପଖଣ୍ଡ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଡେପୁଟି ଜନଗଣନା ଅଧିକାରୀ ମୁନା ଡୁରୁକ ଓ କେନ୍ଦ୍ରୀୟ ପ୍ରଭାରୀ ଅକ୍ଷୟ ମୁଦଗଲ ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ଓ ରାଜ୍ୟର ଭବିଷ୍ୟତ ଯୋଜନା ପାଇଁ ତଥ୍ୟ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଜନସାଧାରଣ ଠିକ ତଥ୍ୟ ପ୍ରଦାନ କରି ପ୍ରଶାସନକୁ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

**ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା**

ନନ୍ଦପୁର,(ତୁଷାର କାନ୍ତ ମହାନ୍ତି)-ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ମହିଳା ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶିକା ଶର୍ମିଷ୍ଠା ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ସ୍ୱାସ୍ଥ୍ୟକର୍ମୀ ଭାବେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦେଇଥିଲେ। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଲମତାପୁଟ ବଦଳି ହୋଇଥିବା ବିପିଏମ ରାଜଲକ୍ଷ୍ମୀ ପଣ୍ଡା, ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଥିବା ଫାର୍ମାସି ଅଧିକାରୀ ପରେଶ ସେନାପତି ଓ ଅନ୍ୟମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

**ସଂକ୍ଷେପରେ**

## ନଦୀଘାଟରୁ ୨୫ ବସ୍ତା ଗଞ୍ଜେଇ ଜବତ

ଲମତାପୁଟ,୧।୪(ଭକ୍ତରାମ ବାଙ୍କିଆ)

କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅଧୀନ ବଡ଼ କିଚବ ନଦୀ ଘାଟରେ ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ପ୍ରାୟ ୨୫ ବସ୍ତା ଗଞ୍ଜେଇ ବୁଧବାର ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବା ସୂଚନା ରହିଛି। ଆନ୍ଧ୍ର ପ୍ରଦେଶ ଅଞ୍ଚଳରୁ ମାଛକୁଣ୍ଡ ନଦୀ ପାର କରି ଗଞ୍ଜେଇ ମାଫିଆ ଓଡ଼ିଶା ରାସ୍ତା ଦେଇ ଚାଲାଣ ପାଇଁ ଜଙ୍ଗଲ ଭିତରେ ଗଚ୍ଛିତ ରଖିଥିଲେ। ମାଛକୁଣ୍ଡ ଓ ଲମତାପୁଟ ପୋଲିସର ଏକ ଟିମ ନଦୀ ଘାଟ ନିକଟ ଜଙ୍ଗଲ ଉପରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲେ। ମାଜିଷ୍ଟ୍ରେଟ ଉର୍ଦ୍ଧବ ଶବରଙ୍କ ଉପସ୍ଥିତିରେ ୫ କୁଇଣ୍ଟାଲ ୬୧ କେଜି ଗଞ୍ଜେଇ ଓଜନ କରାଯାଇଛି। ପୋଲିସ ତଦନ୍ତ କରୁଥିବା କରିଥିବା ତଦନ୍ତ ଅଧିକାରୀ ବିଜୟ କୁମାର ମୁର୍ମୁ ସୂଚନା ଦେଇଛନ୍ତି । ଏହି ସମୟରେ ମାଛକୁଣ୍ଡ ଥାନାଧିକାରୀ କୁଳମଣି ବୁରୁଦା, ଲମତାପୁଟ ପୋଲିସ ବିଟ ହାଉସ ଅଧିକାରୀ ଶିଶିର କାନ୍ତ ଘୋଷ, ରହି ଦାସ ବିଡ଼ିକା,ଜାଗିଲି ଗମାଙ୍ଗ ସାମିଲ ରହିଥିଲେ।

## ଓଡ଼ିଆ ପକ୍ଷ ପାଳନ ନେଇ ଶୋଭାଯାତ୍ରା, ବୈଠକ

ନନ୍ଦପୁର,୧।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସଦର ମହକୁମାରେ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଛି। ସଦର ମହକୁମାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀଙ୍କ ଶୋଭାଯାତ୍ରା କରି ନଗର ପରିକ୍ରମା କରିଥିଲେ। ବ୍ଲକ କାର୍ଯ୍ୟାଳୟ ପରିସରରେ ଭାଷାଭିତ୍ତିକ ରାଜ୍ୟ ଗଠନର କର୍ଣ୍ଣଧାର ବିରପୁତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। ଓଡ଼ିଆ ପକ୍ଷ ପାଳନ ନେଇ ବୈଠକରେ ହୋଇଥିଲା। ଏଥିରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସିଡିପିଓ ମିନତିବାଲା ପଟ୍ଟନାୟକ, ଜିପିଡିଓ ଦେବେନ୍ଦ୍ର ମାଝୀ, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ବିଧାୟକ ପ୍ରତିନିଧି କାମେସ କାମୁଡି, ଭାଜପା ନେତା ଏସ କେ ଗଫୁର, ଜାତୀୟ ଭାଜପା କାଉନସିଲ ସଦସ୍ୟ ଜୟରାମ ଭୋଇ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ବିଷୟରେ ଆଲୋଚନା କରିଥିଲେ। ୧୪ ତାରିଖରେ ଓଡ଼ିଆ ପକ୍ଷ ପାଳନ କରାଯିବା ନେଇ ଅବଗତ କରିଥିଲେ। ଏପ୍ରିଲରୁ ବିଦ୍ୟାଳୟରେ ଖଡ଼ି ଛୁଆଁ, ଆମ ପୋଷାକ ପରିଚୟ, ଓଡ଼ିଆ ନାମ ଫଳକ ଲେଖା ଅଭିଯାନ, ଗଣ ଦୌଡ଼, ସ୍ୱଚ୍ଛତା, ଶିଶୁ କଥା ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

## ବିଭିନ୍ନ ଅନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ

ଜୟପୁର,୧।୪(ପବନ ପାଣିଗ୍ରାହୀ)

ଜୟପୁରରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି। ସହରର ବିଭିନ୍ନ ସ୍ଥାନରେ ବରପୁତ୍ର,ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରାଯାଇଛି। ଏଥିରେ ଉପଜିଲାପାଳ ଯଦୁମଣି ନାୟକ, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚି ଜେନା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ଉପସ୍ଥିତ ଥିଲେ। କୋରାପୁଟ ଜିଲା ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ରଜାନଅରସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍କଳ ଦିବସ ପାଳନ କରାଯାଇଥିଲା। ଜିଲା ଓକିଲ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲା କୋର୍ଟ ପରିସର ମଧୁସୂଦନ ଦାଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

# ସୀମାନ୍ତବାସୀଙ୍କୁ ନେଇ ଦେଲେ ଏକତାର ବାର୍ତ୍ତା

## କୋଟିଆରେ ଜିଲା ପ୍ରଶାସନର ଓଡ଼ିଶା ଦିବସ ପାଳନ

ପଟ୍ଟାଙ୍ଗି,୧।୪(ଶରତ କୁମାର ଧଳ)



କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଓ ଅନ୍ୟମାନେ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ପ୍ରଶାସନ ପକ୍ଷରୁ ୯୦ତମ ଓଡ଼ିଶା ଦିବସ ପାଳନ କରାଯାଇଛି। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ କରାଯାଇଥିଲା। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସଭାପତିତ୍ୱରେ ସ୍ଥାନୀୟ ବିଧାୟକ ତଥା ସିଏଲ୍‌ପି ଲିଡର ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ସୁନାବେଡ଼ା ଏନ୍‌ଏସି ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ପ୍ରମୁଖ ଫଟୋଚିତ୍ର ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ୧୯୩୬ରେ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଓଡ଼ିଶା ଗଠିତ ହୋଇଥିଲା। ଏହା ଓଡ଼ିଆଙ୍କ ପାଇଁ ପରିଚୟ ସୃଷ୍ଟି କରିଥିବା ସମସ୍ତ ଅତିଥି ପଞ୍ଚାୟତବାସୀଙ୍କୁ ବୁଝାଇଥିଲେ। ପଞ୍ଚାୟତର ଶିକ୍ଷିତ ମହିଳାମାନଙ୍କ ଦ୍ୱାରା ଆଞ୍ଚଳିକ କୁଇ ଭାଷାରେ ଓଡ଼ିଶା ଗଠନର ସୂଚନା ପ୍ରଦାନ କରାଯାଇଥିଲା। ପଡୋଶୀ ଆନ୍ଧ୍ରକୁ ଏକତାର ବାର୍ତ୍ତା ଦିଆଯାଇଛି। କାର୍ଯ୍ୟକ୍ରମରେ ଗଣମାଧ୍ୟମ ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗି ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗୀ, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଅତିରିକ୍ତ ଜିଲାପାଳ ନରେଶ ଚନ୍ଦ୍ର ଶବର, ସିଡିଓ ବେଣୁଧର ଶବର, ଆମ କୋଟିଆ ଆବାହକ ତଥା ଅବସରପ୍ରାପ୍ତ ଜିଲାପାଳ ଗଦାଧର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଡିଓ ରାମକ୍ରିଷ୍ଣା ନାୟକ, ତହସିଲଦାର ଦେବେନ୍ଦ୍ର ବାଦୁର ସିଂ ଧାରୁଆ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରାଉତ, ପଞ୍ଚାୟତରେ ନିଯୁକ୍ତ ଓଏସ୍‌ଡି ସୌରଭ ଦାସ ପ୍ରମୁଖ ସହଯୋଗ କରିଥିଲେ ।

# ଗାତକୁ ଖସି ବାଇକ୍‌ରେ ଲାଗିଲା ନିଆଁ: ୨ ମୃତ

ବନ୍ଧୁଗାଁ,୧।୪(ବେଣୁଧର ଲାବାଲା)

ବିବାହ ଭୋଜି ଯୋଗ ଦେଇ ଫେରୁଥିବା ବେଳେ କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍ ଗାରିଡ଼ି ପଞ୍ଚାୟତ ସମୀନ୍ତରେ ନିୟନ୍ତ୍ରଣ ହରାଇ ଗାତକୁ ଖସି ପଡ଼ିବାରୁ ବାଇକ୍‌ରେ ନିଆଁ ଲାଗିଯିବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାୟଗଡ଼ା ବାରିଖୋଲା ଗ୍ରାମର ସୁଜିତ ମିଣିଆକା, ଟିକିରି ଶାଗବାରି ଗ୍ରାମର ବସନ୍ତ ମାଝୀ। ବଡଚାନ୍ଧିଲି ଗ୍ରାମର ରାହୁଲ ହିମିରିକା ଗୁରୁତର ରହିଛନ୍ତି।

ସୂଚନାନୁଯାୟୀ, ରାୟଗଡ଼ା ଜିଲା ବନାକିଟି ପଞ୍ଚାୟତ ଗୁଣ୍ଡା ଗ୍ରାମରେ ବିବାହ ଭୋଜିରେ ଯୋଗଦେଇ ସୁଜିତ୍, ବସନ୍ତ ଓ ରାହୁଲ ସ୍କୁଟି ଯୋଗେ ଫେରୁଥିବା ବେଳେ ବନ୍ଧୁଗାଁ ସୀମାନ୍ତରେ ନିୟନ୍ତ୍ରଣ ହରାଇ ଏକ ଗାତକୁ ଖସି ଯାଇଥିଲେ। ଏଥିରେ ବାଇକ୍‌ରେ ନିଆଁ ଲାଗିଯାଇଥିଲା। ବସନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଜିତଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ମୃତକଙ୍କ ପରିବାର ଲୋକେ ମେଡିକାଲରେ ପହଞ୍ଚିଛନ୍ତି। ବନ୍ଧୁଗାଁ ଥାନା ଆଇଆଇସି ସିନ୍ଧୁ ସାରାକା ଓ ଏଏସଆଇ ସୁରେନ୍ଦ୍ର ହୁଇକା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ସାପ୍ତାହିକ ହାଟ ମଝିରେ ଗଛ ପଡ଼ି ଜଣେ ଗୁରୁତର



ହାଟ ମଝିରେ ପଡ଼ିଥିବା ଗଛ।

ନନ୍ଦପୁର,୧।୪(ତୁଷାର କାନ୍ତ ମହାନ୍ତି)

## କୁଆପଥର ବର୍ଷା ପ୍ରଭାବ

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଞ୍ଚଳରେ ପବନ ସହ କୁଆପଥର ବର୍ଷା ହୋଇ ବ୍ଲକ ସଦର ମହକୁମାସ୍ଥିତ ବୁଧବାର ସାପ୍ତାହିକ ହାଟ ମଝିରେ ଏକ ବିରାଟ ଗଛ ଭାଙ୍ଗି ପିଣ୍ଡି ଉପରେ ପଡ଼ିବାରୁ ଜଣେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ଏକାଧିକ ବାଇକ୍ ନଷ୍ଟ ହୋଇଛି। ଗୁରୁତର ହେଲେ ସେମିଳିଗୁଡା ଓସିସନଗର ଅଞ୍ଚଳର ହରେକୃଷ୍ଣ ବେହେରା (୬୨)। ତାଙ୍କୁ ସେମିଳିଗୁଡା ନିଆଯାଇଥିବା ସୂଚନା ମିଳିଛି। ବୁଧବାର ସାପ୍ତାହିକ ହାଟ ଜନଗହଳି ରହିଥାଏ। କିନ୍ତୁ ଗଛ ଖାଲି ସ୍ଥାନରେ ପଡ଼ିଥିବାରୁ ବଡ ଦୁର୍ଘଟଣାରୁ ଟଳିଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ନନ୍ଦପୁର ଥାନାଧିକାରୀ ତ୍ରିନାଥ ତୋଟାପାଡିଆ, ଅଗ୍ନିଶମ ଓଆଇସି ହେମନ୍ତ କୁମାର ସାମଲ ଓ ଟିମ ପହଞ୍ଚି ତଦାରଖ କରୁଛନ୍ତି। ଅଗ୍ନିଶମ ଟିମ୍ ଆସି ଗଛକୁ କାଟି ହଟାଇଥିଲେ।

# ବିପଦପୂର୍ଣ୍ଣ ଅବସ୍ଥାରେ ଜେଡିକେ କୋଲାବ ବ୍ରିଜ୍

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

କୁନ୍ଦୁରା,୧।୪(ସନ୍ତୋଷ ପ୍ରହରାଜ)



କୋଲାବ ବ୍ରିଜ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ନିକଟ କୋଲାବ ବ୍ରିଜ ଶୋଚନୀୟ ହୋଇପଡ଼ିଛି। ବ୍ରିଜ ଭୁଶୁଡିବା ଆଶଙ୍କା କରି ଅଞ୍ଚଳବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୧୯୯୫ରେ ଏହା ନିର୍ମାଣ ହୋଇ କୁନ୍ଦୁରା ବ୍ଲକ ଓ ଜିଲାକୁ ସଂଯୋଗ କରୁଛି। ଏହା ହଜାର ସଂଖ୍ୟାରେ ଲୋକ ନିର୍ଭର କରନ୍ତି। ୩୧ ବର୍ଷ ଧରି ଏହି ବ୍ରିଜକୁ ପୂର୍ତ୍ତ ବିଭାଗ ଅଣଦେଖା କରୁଥିବାରୁ ଏହା ଶୋଚନୀୟ ହୋଇଥିବା ଅଭିଯୋଗ କରିଛନ୍ତି। ଏହାର ଉପର ଭାଗ ଫାଟି ଯାଇଛି। ତଳ ଭାଗ ପିଲର ଫାଉଣ୍ଡେଶନ ମଧ୍ୟ ଦୁର୍ବଳ ହେବାରେ ଲାଗିଥିବା ଅଞ୍ଚଳବାସୀ କହିଛନ୍ତି। ବ୍ରିଜର ନିକଟରୁ ଦୈନିକ ବାଲି ବାହାର କରାଯାଉଛି। ତଳ ଭାଗ ସମ୍ପୂର୍ଣ୍ଣ ଧୋଇଯାଇ ଥିବାରୁ ଏହି ବ୍ରିଜ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିବା ଦେଖିବାକୁ ମିଳୁଛି। ଗୋଟିଏ ପାର୍ଶ୍ୱ ଜୟପୁର ବ୍ଲକ ଅଧୀନରେ ଥିବା ବେଳେ ଅନ୍ୟ ପାର୍ଶ୍ୱ କୁନ୍ଦୁରା ପଟକୁ ରହିଛି। ବ୍ରିଜ ଥିବା ସ୍ଥାନରୁ ୫ଶହ ମିଟର ବାଲି ଉଠାଣ ହୋଇପାରିବ ନାହିଁ ବୋଲି ନିୟମ ରହିଛି। ଏହାର ୩ଶହ ମିଟର ଦୂରରୁ ଦୈନିକ ଗାଡି ବାଲି ଚାଲାଣ କରୁଛନ୍ତି। ଏହି ରାସ୍ତାରେ ସମସ୍ତ ସରକାରୀ ଚାକିରିଆ, ଅଫିସର, ଅଧିକାରୀ ଯାତାୟତ କରୁଥିବା ବେଳେ ବାଲିଚାଲାଣ ରୋକିବା ନେଇ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ବାଲି ଚାଲାଣ ହେଉଥିବା ନେଇ ଜୟପୁର ଖଣି ଉପନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ ଥିବା ସତ୍ତ୍ୱେ ଏହାକୁ ରୋକିବାରେ ବିଫଳ ହୋଇଥିବା କୁହାଯାଉଛି। ଏହି ଜେଡିକେ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ନୂତନ ଭାବେ ତିଆରି ଚାଲିଛି। ରାସ୍ତାଠାରୁ ବ୍ରିଜର ଓସାର କମ ରହିଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ପୂର୍ତ୍ତ ବିଭାଗକୁ ଅତିଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଇକ୍‌ରୁ ପଡ଼ି ଗୁରୁତର ମହିଳାଙ୍କ ମୃତ୍ୟୁ

କୁନ୍ଦୁରା,୧।୪(ସନ୍ତୋଷ ପ୍ରହରାଜ)

କୁନ୍ଦୁରା ବ୍ଲକ ସୀମାନ୍ତ ରାଣୀଗୁଡ଼ା ପଞ୍ଚାୟତ ସଦରରେ ବାଇକ୍‌ରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେରମେଟି ପଞ୍ଚାୟତ କଦଳୀମୁଣ୍ଡା ଗାଁର ସୁନାମଣି ନାୟକ (୫୦)। ୨୯ ତାରିଖରେ ସ୍ୱାମୀଙ୍କ ସହ ବାଇକ୍ ଯୋଗେ ଜଗଦଲପୁରରେ ଥିବା ବଡ଼ଝିଅ ଘରକୁ ଯାଉଥିବା ସମୟରେ କୌଣସି କାରଣରୁ ସୁନାମଣୀ ବାଇକରୁ ପଡ଼ି ଯାଇଥିଲେ। ତାଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ମଙ୍ଗଳବାର ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ଗଣେଶ ପ୍ରସାଦ ଦାସ କହିଛନ୍ତି। ଏ ନେଇ କୁନ୍ଦୁରା ଥାନାରେ ୩୧/୨୬ରେ ମାମଲା ରୁଜୁ ହୋଇଛି।

## ଓଡ଼ିଶା ଦିବସରେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବୋରିଗୁମ୍ମା,୧।୪ (ବିଜୟ ସାହୁ)

ବୋରିଗୁମ୍ମା ବ୍ଲକ୍ ପ୍ରଶାସନ ପକ୍ଷରୁ ନୂଆ ବସ୍‌ଷ୍ଟାଣ୍ଡଠାରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବୋରିଗୁମ୍ମା ବ୍ଲକ ପରିସରରେ ଓଡ଼ିଆ ଅସ୍ମିତାର ପ୍ରତୀକ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦିପ୍ତିମୟୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ବିଧାୟକ ପ୍ରତିନିଧି ଅଶୋକ କୁମାର ଗନ୍ତାୟତ, କୋଟପାଡ଼ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା, ସରପଞ୍ଚ ତୁଷାରକାନ୍ତ କୁମ୍ବିକା ଉପସ୍ଥିତ ଥିଲେ। ବୋରିଗୁମ୍ମା ସୂର୍ଯ୍ୟଭାନୁ ପାଠାଗାର ସଭାପତି ବିଜୟ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଓଡ଼ିଶା ଦିବସ ପାଳନ କରାଯାଇଛି।

# ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବୈପାରୀଗୁଡା,୧।୪(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ କୋଲନି ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବିଡିଓ ସୁବ୍ରତ କୁମାରସାହୁ, ବ୍ଲକ୍ ଉପାଧ୍ୟକ୍ଷ ପୂର୍ଣ୍ଣିମାବାରିକ,ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ, ନାଏବ ସରପଞ୍ଚ ସୁଶାନ୍ତ କୁମାର ନାୟକ, ବିଧାୟକ ପ୍ରତିନିଧି ମନୋଜ କୁମାର ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ କେଶବ ଖିଲ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ବିରେନ୍ କୁମାର ଧଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ବ୍ଲକ୍ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳିତ

କୁନ୍ଦୁରା,୧।୪(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ବୁଧବାର ପାଳିତ ହୋଇଛି। ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବୀରପୁତ୍ର ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି, ଫକୀର ମୋହନ ସେନାପତି, ରାଧାନାଥ ରାୟଙ୍କ ସ୍ମୃତିଚାରଣ କରିଥିଲେ। ସ୍ଥାନୀୟ ଗାନ୍ଧୀ ଛକ, ସାଗରଗୁଡ଼ା ଛକ ଓ ଶହୀଦ ଲକ୍ଷ୍ମଣ ନାୟକ ପଡ଼ିଆସ୍ଥିତ ମହାତ୍ମାଗାନ୍ଧୀ, ଡ. ଭୀମରାଓ ଆମ୍ବେଡକର ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ, ଜିଲା ପରିଷଦ ଉପାଧ୍ୟକ୍ଷା ରାଧାବିନୋଦ ସାମନ୍ତରାୟ, ଜିଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ,ଏମ୍‌ପି ପ୍ରତିନିଧି ଅମ୍ବୁ ପାତ୍ର,ସରପଞ୍ଚ ଲବ ପରଜା,ସମିତିସଭ୍ୟ ଦାମୋଦର ଗଣ୍ଡା ଉପସ୍ଥିତ ଥିଲେ। ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ,ପ୍ରଧାନଶିକ୍ଷକ ସରୋଜ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଲାଚ୍ଚନାଗୁଡ଼ା ଉଚ୍ଚ ସ୍କୁଲରେ ଓଡ଼ିଶା ଦିବସ ପାଳିତ ହୋଇଛି।





ଅତିଥି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରୁଛନ୍ତି ।

# ଚବେରୀ ନଦୀ ଉପରେ ନୂତନ ପୋଲ ଆରମ୍ଭ

କୋରାପୁଟ,୧।୪(ଅମିତାଭ ବେହେରା)

କୋରାପୁଟ ଏନ୍‌ଏଚ-୩୨୬ର ବଙ୍ଗଳାଗୁଡା ପୋଲରେ ଦୀର୍ଘ ୩ ବର୍ଷ ୭ ମାସର ପ୍ରତୀକ୍ଷା ପରେ ବୁଧବାର ଯାତାୟାତ ସ୍ୱାଭାବିକ ହୋଇଛି। ବଙ୍ଗଳାଗୁଡା ନିକଟରେ ଚବେରୀ ନଦୀ ଉପରେ ନିର୍ମିତ ନୂତନ ପୋଲ ଓଡ଼ିଶା ଦିବସ ଅବସରରେ ଯାନ ଚଳାଚଳ ପାଇଁ ଖୋଲାଯାଇଛି। ଗତ ୨୦୨୨ ଅଗଷ୍ଟ ୧୭ରେ ପୁରୁଣା ପୋଲ ଭୁଷୁଡ଼ି ପଡ଼ିଥିବାରୁ ପ୍ରାୟ ୧ ମାସ ଧରି ଏହି ରାସ୍ତାରେ ଯାନ ଚଳାଚଳ ବନ୍ଦ ରହିଥିଲା। ପରେ ଭଙ୍ଗା ବ୍ରିଜ ପାର୍ଶ୍ୱରେ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା। ୩ ବର୍ଷ ୬ ମାସ ଧରି ଏହି ପୋଲ ଉପରେ ଯାନଚଳାଚଳ ଚାଲିଥିଲା। ବର୍ଷା ଋତୁରେ ଚବେରୀ ନଦୀରେ ବନ୍ୟା ଆସିଲେ ଯାତାୟାତ ବ୍ୟାହତ ହୋଇଥିଲା। ଏଥିଯୋଗୁ ଯାତ୍ରୀମାନେ କାକିରୀଗୁମା-ଦାମନଯୋଡି ମାର୍ଗରେ ୪୦ରୁ ୫୦ କି.ମି. ଅଧିକ ଦୂରତା ଅତିକ୍ରମ କରିବାକୁ ବାଧ ହେଉଥିଲେ। ଏଥିସହ ପୋଡ଼ାଗଡ଼-ଆଡମୁଣ୍ଡା-ବାଗ୍ରା ଛକ ମାର୍ଗରେ ୩୫ରୁ ୪୦ କି.ମି ଯିବାକୁ ପଡୁଥିଲା। ରାୟଗଡ଼ା, ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ଯାତ୍ରା ମଧ୍ୟ ଦୀର୍ଘ ହୋଇଯାଉଥିଲା।

# ଓଡ଼ିଶା ଦିବସରେ ବିଶାଳ ଶୋଭାଯାତ୍ରା

କୋରାପୁଟ,୧।୪(ଅମିତାଭ ବେହେରା)

କୋରାପୁଟ ଜିଲା ସଦର ମହକୁମା ସମେତ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କୋରାପୁଟ ସହରରେ ସ୍ଥାପିତ ସ୍ୱାଧୀନତା ସଂଗ୍ରାମୀ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଅତିଥି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲାପାଳ ମନୋଜ ସତ୍ୟବାନ ମହାଜନ ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟ ନିକଟରେ ସ୍ଥାପିତ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହାପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଶୋଭାଯାତ୍ରା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲାପାଳ ନରେଶ ଚନ୍ଦ୍ର ଶବର, କୋରାପୁଟ ଉପଜିଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ବିଡିଓ ଦେବାଶିଷ ଗୌଡ଼, ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇଥିଲେ। ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନରେ ସମସ୍ତ ଜନସାଧାରଣ ଅଂଶ ଗ୍ରହଣ କରିବାକୁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ନିବେଦନ କରିଛନ୍ତି। ସେହିପରି ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସୌରଜିତା ମାଝୀ, ସହକାରୀ ଜିଲାପାଳ ପି ପ୍ରିୟଦର୍ଶିନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉପରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ପରିଚାଳନା କରିଥିଲେ।



ଶୋଭାଯାତ୍ରାରେ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରାଯାଉଛି ।

# ପୋଲିସ କର୍ତ୍ତବ୍ୟନିଷ୍ଠ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

କୋରାପୁଟ,୧।୪(ଅମିତାଭ ବେହେରା)



ଜଣେ ପୋଲିସ ଅଧିକାରୀଙ୍କୁ ପୁରସ୍କୃତ କରାଯାଉଛି।

କୋରାପୁଟସ୍ଥିତ ପୋଲିସ ପଡିଆରେ ୯୧ତମ ଜିଲାସ୍ତରୀୟ ପୋଲିସ ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। କୋରାପୁଟ ଏସ୍‌ପି ରୋହିତ ବର୍ମାଙ୍କ ତତ୍ତ୍ୱାବଧାନରେ ଦକ୍ଷିଣପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ ଯୋଗଦେଇଥିଲେ। ପୋଲିସ ସର୍ବଦା ଜନତାଙ୍କ ଆସ୍ଥା ଭାଜନ ହେବାକୁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ପରେଡ ଅଭିବାଦନ କରିବା ସହ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୭ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଦେଶରେ ଶାନ୍ତିଶୃଙ୍ଖଳା ସହ ସୁରକ୍ଷାରେ ପୋଲିସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ରାଜ୍ୟ ମାଓବାଦୀ ମୁକ୍ତ ହେବା ପରେ ବର୍ତ୍ତମାନ କୋରାପୁଟକୁ ନିଶାମୁକ୍ତ କରିବା ମୁଖ୍ୟ ଲକ୍ଷ୍ୟ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ଥାନାରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା,ମହିଳାଙ୍କ ପାଇଁ ଥାନାରେ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯିବା, ପୋଲିସର ଭୂମିକା ନେଇ ସାଧାରଣ ଲୋକଙ୍କ ମନରେ ଥିବା ଭୟକୁ ଦୂରେଇବା ପାଇଁ କାର୍ଯ୍ୟ କରାଯାଉଛି। ସାଧାରଣ ଜନତା ପୋଲିସକୁ ନ ଡରି ସୁସମ୍ପର୍କ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। କର୍ତ୍ତବ୍ୟରେ ଅବହେଳା କରୁଥିବା ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ସମସ୍ତ ପୋଲିସ କର୍ତ୍ତବ୍ୟବାନ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଦେଶ ପାଇଁ ଶହୀଦ ହୋଇଥିବା ଯବାନଙ୍କ ପରିବାର ସହ ବିଭାଗ ସର୍ବଦା ରହିଛି ଓ ଯବାନଙ୍କ ଅବଦାନ ଅତୁଳନୀୟ ବୋଲି ଡିଆଇଜି ସିଂ କହିଛନ୍ତି। ଏହି ଅବସରରେ

## ପ୍ରତିଷ୍ଠା ଦିବସରେ ୧୭ ପୋଲିସ ପୁରସ୍କୃତ

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଜିଲାର ୧୭ ପୋଲିସ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ,ଏସପି, ୩ ପ୍ରବେଶନର ଆଇପିଏସ ଓ ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

